ମାଟି ଓ ଆକାଶ

ଅସିତ କବି

Digitized by srujanika@gmail.com

ମାଟି ଓ ଆକାଶ

●

ଲେଖକ :

ଅଧ୍ୟାପକ ଅଜିତ କର

ପ୍ରଥମ ମୁଦ୍ରଣ—୧୯୬୨

ପ୍ରକାଶକ :

ନନ୍ଦ ବୁକ୍ ଷ୍ଟୋର

ନିମଚଉଡ଼ି, କଟକ—୨

ମୂଲ୍ୟ—ଟ ୦୷୲/ ବା ୯୪ ନୂଆ ପଇସା

Digitized by srujanika@gmail.com

ସୂଚୀ

ବିଷୟ		ପୃଷ୍ଠା
୧ । କୋକ୍‌ରେ କୋକ୍	...	୧
୨ । କବର ମୃତ୍ୟୁ		୧୧
୩ । ଅନ୍ୱେଷଣ	...	୨୧
୪ । ଗାଠି	...	୩୩
୫ । ଜିନ୍ଦଗି		୪୪

Digitized by srujanika@gmail.com

ଢୋକ୍‌ରେ ଢୋକ୍

ତାରକିତ ନୀଳ ଆକାଶ···ପାଖକୁ ପାଖ ଲାଗି ଅଗଣିତ ନକ୍ଷତ୍ର···ନିଜ ନିଜ ଭିତରେ କ'ଣ ଯେପରି କଥାବାର୍ତ୍ତା ହେଉଛନ୍ତି । ତଳେ ମାଟିର ପୃଥିବୀ···ନୀରବ, ନିସ୍ତବ୍ଧ, କ୍ଳାନ୍ତିରେ ଶୋଇ ପଡ଼ିଛି କି ? ସବୁଠି କଟକ ନଗରୀ ନିଥର, କେବଳ ରଜନୀର ସାଇଁ ସାଇଁ ଶବ୍ଦ । ସପନର ଆଖିରେ କିନ୍ତୁ ନିଦ୍ରାର କାଉଁରୀ ସ୍ପର୍ଶ ଲାଗି ନ ଥିଲା । ହାତରେ ଜଳନ୍ତା କେପ୍‌ଷ୍ଟେନ୍···ଅନ୍ୟମନସ୍କ ସପନ ମଝିରେ ମଝିରେ ସିଗାରେଟ୍‌ରେ ଚୁମ୍ବନ ଦେଉଥିଲା । ଦୃଷ୍ଟି ତାର ପ୍ରସରି ଯାଉଥିଲା ଦୂରକୁ, ବହୁଦୂରକୁ, ମାଟି ଓ ଆକାଶର ସଙ୍ଗୋପନ ମିଳନ ପୀଠକୁ , ଲଗାମଛଡ଼ା ମନର ପକ୍ଷୀରାଜ ସ୍ମୃତି ଓ ବିସ୍ମୃତିର ଆଲୋକ ଅନ୍ଧକାରର ଲୁଚକାଳି ଭିତରେ ଉଡ଼ୁଥିଲା ଧୀରେ ଧୀରେ । କୌମୁଦୀଭରା ରଜନୀର ତୋରଣ ତଳେ ଓହ୍ଲାଇ ଆସିଛି ସ୍ୱପ୍ନର ମାୟା । ହଠାତ୍ ନିଥର ନିଶୀଥର ନିସ୍ତବ୍ଧତାକୁ ଆଲୋଡ଼ିତ କରି ଦୂରରୁ ଶୁଭିଲା ଚରଣ୍ଡାପୂଧର ଡାକ ··· ··· ···
"ଢୋକ୍‌ରେ ଢୋକ୍···"

Digitized by srujanika@gmail.com

ହ୍ଣିର ହୋଇଗଲା ସପନର ମନର ବେଳାଭୂମିରେ ଚନ୍ଦ୍ରାର ଉର୍ମି···ଭିତରୁ ଦେଇ ଉଠିଲା ଅଭୁଲା ଅତୀତ । ବିଗତ ହୋଇ ସୁଦ୍ଧା ଯାହା ବର୍ତ୍ତମାନ ଭିତରେ ଏହିପରି ବେଳେବେଳେ ମୂର୍ତ୍ତ-ହେଉଥାଏ । ରାତ୍ରିର ଶେଷ ଯାମ । ସପନର ଜୀବନର ଯାତ୍ରାପଥେ ସେହି ଏକ କ୍ଷଣିକ ମଧୁବୋଳା ଲଗ୍ନ । ଯେଉଁ ଲଗ୍ନରେ ଯୁଗବିରହୀ ତାର ପ୍ରେମିକାକୁ ପାଇଥିଲା ଅତି ପାଖରେ, ଯେଉଁ ଲଗ୍ନରେ ଦୁଇଟି ଅଳ୍ପ ନୟନ ନୀରବରେ ଅଥଚ ସ୍ପଷ୍ଟ ଭାବରେ ଦୁଇଟି ଅନ୍ତରର ଗୋପନ ଭାଷାର ବିନିମୟ କରିଥିଲା । ଶିଶିରସିକ୍ତ ଶୀତର ଆଲିଙ୍ଗନ ଭିତରେ, ଶିଥିଳ କୃଷ୍ଣ ଜବାସିରେ ଲାଞ୍ଛିତ କଜଳ କଳା ଶ୍ରାବଣୀ ନିଶିର ରହସ୍ୟ ଭିତରେ, ଚନ୍ଦ୍ରିକା ଚର୍ଚ୍ଚିତ ଶୁକ୍ଳ ତିଥିର ମଧୁର ଯାମିନୀରେ ଯେତେବେଳେ ଦୂରରୁ ଭାସିଆସେ ଚରଣାୟୁଧର ଏହି ସ୍ୱନ, ସେତେବେଳେ ସ୍ମୃତି-ବିକ୍ଷୋଭିତ ସପନର ମାନସ ପଟରେ ଚମକି ଉଠେ ଅତୀତର ଏକ ସ୍ମରଣୀୟ ମୂହୁର୍ତ୍ତ । ବିସ୍ମୃତିର ଯବନିକା ଦୂରେଇ ଯାଏ···ମୁଗଧ ଚକିତ ସପନର ସେହି ସ୍ୱପ୍ନିଲ ଅତୀତ ତାର ସମସ୍ତ ରୂପାଲୋକ ନେଇ ସତେ ଯେପରି ଶଙ୍କିତ ହୃଦୟରେ ଆଶାର ଦୀପାବଳୀ ଜାଳେ । ହାତର ରେକ୍‌ଷ୍ଟେନ୍ ପ୍ରତି ସପନର ସଜାଗ ରହି ପାରିଲାନି··· ସ୍ମୃତିର ଅବଗାହି ରୋମାଞ୍ଚ ହେଉଥିଲା ତାର ସର୍ବାଙ୍ଗ—

ସପନର ଅଭିଶପ୍ତ ଜୀବନପଥ ଯେତେବେଳେ ଅବସାଦରେ ଭରା । ନୈରାଶ୍ୟର ତୀବ୍ର ଅସହ୍ୟ ଅନ୍ଧକାର ଭିତରେ ସେ ଯେତେ ବେଳେ ପଥହରା, ପରିସ୍ଥିତିର ତିକ୍ତତା ଯେତେବେଳେ ପ୍ରାଣରେ ତାର ତୀବ୍ର ବେଦନାର ଆଲୋଡ଼ନ ସୃଷ୍ଟି କରି ଜୀବନ ପ୍ରତି ସୃଷ୍ଟି କରିଥିଲା ଔଦାସିନ୍ୟ, ସେତିକିବେଳେ ଚଲା ପଥରେ

Digitized by srujanika@gmail.com

ତାର ଦେଖାଦେଲା ଜଣେ ଚପଳା ତରୁଣୀ । ଜୀବନାକାଶକୁ ତାର ଦେଲା ସେ ଗୃନ୍ଧରଜନୀର ରଙ୍ଗ । ତାର ମୃଦୁ ପଦକ୍ଷେପରେ ସପନର ମାନସ-କୁଞ୍ଜ ସୁରଭି-ପାଗଳ ହୋଇ ଉଠିଲା । ଜୀବନ ହେଲା ଛନ୍ଦ ଚପଳ, କ୍ଳାନ୍ତ, କମନୀୟ । ଅବହେଳିତ ପ୍ରାଣ ବୀଣାର ମୌନ ତାରଗୁଡ଼ିକରୁ ମାଦକତା ଝରି ପଡ଼ିଲା । ବିଗତ ହେଲେ ସୁଦ୍ଧା ଏଇତ ସପନର ଭେଲେଣ୍ଟାଇନ ମନେପଡ଼େ । କଲେଜରୁ ଫେରି ନିଜ ପଢ଼ା କୋଠରୀରେ ବସି 'ଅସନ୍ତାକାଲି' ପରୀକ୍ଷାଟିର ପୃଷ୍ଠା ଓଲଟାଉ ଥିଲା । ଡାକ ପିଅନ ଆସି ହାତକୁ ବଢ଼ାଇ ଦେଲା ଖଣ୍ଡିଏ ଲଫାଫା । ସେ ଏପରି ପୋଷ୍ଟ ଅଫିସର ସାଧାରଣ ଲଫାଫା ନୁହେଁ—ନେଳି ଲଫାଫା, ଉପରେ ଲେଖାଥିଲା···"**Forget me not**" ପୋଷ୍ଟଅଫିସର ଡାକ ଟିକଟଟି ଲଫାଫା ବନ୍ଦ ହେବା ସ୍ଥାନରେ ଗୃହୁର୍ଯ୍ୟ ସହକାରେ ଲଗା ଯାଇଥିଲା । ଲଫାଫାର ଉପରେ ଲିଖିତ ଅକ୍ଷରଗୁଡ଼ିକ ଦେଖି ବିସ୍ମିତ ହେଲା ସପନ···ଏ କ'ଣ ସମ୍ଭବ ? ସେ ଆଜ ତନ୍ଦ୍ରାଜଡ଼ିତ ହୋଇ ସ୍ୱପ୍ନ ଦେଖୁନି ତ ? ନା, ନା ସେ ଜାଗ୍ରତ···ସବୁ ସତ୍ୟ । ଏ ରେଖାର ଚିଠି । ଧନୀର ଅଲିଅଳ ଦୁଲାଲୀ ରୁପସୀ ରେଖାର ଚିଠି । ଏକ ଲମ୍ଫରେ ପଢ଼ିଗଲା ସପନ···ଯେତେଥର ପଢ଼ିଲା ସେତେଥର ପୁଣି ପଢ଼ିବାର ଦୁର୍ବାର କାମନା ବଳବତ୍ତର ହେଲା । ଚିଠିର କେଇଧାଡ଼ି ଏବେ ବି ଭୁଲିନି ସେ । ରେଖା ଲେଖିଥିଲା ··· ··· ··· ··· ···

ସଙ୍କୋଚ, ଅଶଙ୍କା, ଦୁର୍ବାର ଲାଳସା ଭିତରେ ଶଙ୍କିତ ଚିତ୍ତରେ ଲେଖୁଛି···ଭାବିଲି କ'ଣ ବୋଲି ସମ୍ବୋଧନ କରିବି । ସମ୍ବୋଧନ ସାଧାରଣ ଧରଣର ହେଲେ କିବା ତୁମେ, ହସିବ

ସ୍ୱାଭାବିକ, ପୁଣି ଅନ୍ତର ଯାହା କହୁଛି, ପ୍ରାଣ ଯାହା ଗୃହୁଁଛି, ତାହା ଲେଖିବାକୁ ଗଲାବେଳେ ସଂସାରର ସମସ୍ତ ଲଜ୍ୟା ଲେଖଣୀକୁ ଅଟକାଇବା ପାଇଁ ବ୍ୟାକୁଳ । ତେଣୁ କେବଳ "..." ଭିତରେ ଗୋପନରେ ମନ ଗହନର ଗୋପନ ଭାଷାକୁ ରୂପ ଦେବାକୁ ଯାଇଛି । ମୋର ଏଇ ଭୀରୁ ପଦକ୍ଷେପ ଦୁଃସାହସିକ; କିନ୍ତୁ କି ଦୁର୍ବାର ! ! !

× × 'କାବ୍ୟ କବିତା' ସମାଲୋଚକର ଭାଷାରେ କବି ଅନ୍ତରର ଲିପି । ତା ଯଦି ସତ୍ୟ, ତେବେ ତମ ଆଖିରେ ଯେଉଁ ଅସରା ଶ୍ରାବଣର ବାରିଧାର, ତାକୁ ପୋଛିବାର ସୌଭାଗ୍ୟ କ'ଣ ମୋର ହୋଇ ପାରିବ ?

ତମର
—ରେଖା—

ସ୍ୱପ୍ନ ବି ବେଳେବେଳେ ସତ୍ୟ ହୁଏ । କଳ୍ପନା ବି' ବେଳେ-ବେଳେ ବାସ୍ତବତାର ପୋଷାକ ପିନ୍ଧି ଛିଡ଼ାହୁଏ । ଅନୁଭବୀ ନ ହେଲେ ଏ କଥା କିଏ ବା କାହିଁକି ବିଶ୍ୱାସ କରିବ । ସପନର ଆଖି ଆଗରେ ଭାସି ଉଠିଲା ରେଖାର କନ୍ଦର୍ପରୂପ-ଭ୍ରମର କୃଷ୍ଣ କୁଞ୍ଚିତ କେଶ । ଚିବୁକରେ ରକ୍ତ ଗୋଲାପର ନିର୍ଯ୍ୟାସ-ସ୍ନିଗ୍ଧ ଗୃହାଣୀରେ ସ୍ୱପ୍ନମୟ ଆବେଶ ବିହ୍ୱଳ ଦୃଷ୍ଟି । ନିଜର କଳ୍ପନାରେ ନିଜେ ଆତ୍ମ-ବିସ୍ମୃତ ହେଲା ସପନ । ଚିଠିର ପ୍ରତ୍ୟେକ ପଦ ବିନ୍ୟାସ ଭିତରେ ରେଖାର ଅଶକ୍ତ ଫୁଟି ଉଠୁଛି । ରେଖାକୁ ସେ ଭଲପାଏ—ଏକଥା ସେ ଅସ୍ୱୀକାର କରି ପାରିବନି; କିନ୍ତୁ ରେଖା ଯେ ତା ପ୍ରତି ଆକୃଷ୍ଟ ହେଉ ଏ ଆଶା ତାର ନ ଥିଲା । ଏଥି ସକାଶେ କବିତାରେ ତାର

Digitized by srujanika@gmail.com

ଅନ୍ତରର ବେଦନା । ସତ ସତ ଅନିଦ୍ରା ରହି ପଢ଼ିଛି ସେ ଦାନ୍ତେଙ୍କର "ଡିଭାଇନ୍ କମେଡ଼ି", ଶେଲୀର ହିମେନ୍ ଟୁ ଇନ୍‌ଟେଲେକ୍‌ଚୁଏଲ୍ ବିଉଟି', ରବୀନ୍ଦ୍ରନାଥଙ୍କ 'ଉର୍ବଶୀ' ।। ଆଜି କିନ୍ତୁ ସ୍ୱପ୍ନ ସତ୍ୟ ହୋଇଛି । କଳ୍ପନା ବାସ୍ତବ ହୋଇଛି ।।

ରେଖାର ବଡ଼ଭାଇ ପ୍ରଣବ ସପନର ସହପାଠୀ । ପ୍ରଣବର ପରିବାର ନିକଟରେ ସେ ଅପରିଚିତ ନୁହେଁ । ଏବେ କିନ୍ତୁ କେତେଦିନ ହେଲା ପ୍ରଣବର ଅନୁରୋଧ ସତ୍ତ୍ୱେ ତାଙ୍କ ଘରକୁ ଯାଇନି ସେ । କାରଣ ରେଖାକୁ ସେ ଯେତେ ଦେଖିଛି, ତାର ମନେ ହୋଉଛି ସତେ ଯେପରି ରେଖା ନିକଟରେ ନିଜକୁ ସେତିକି ବେଶି ହଜାଇ ଦେଉଛି ସେ । ଆଜି କିନ୍ତୁ ଅନାହୂତ ହେଲେହେଁ ରେଖା ଘରକୁ ଯିବାପାଇଁ ସେ ବ୍ୟଗ୍ର ହୋଇ ଉଠିଲା । ରୂପସଜ୍ଜା ପ୍ରତି କେବେହେଁ ସେ ସଜାଗ ନ ଥିଲା; କିନ୍ତୁ ତାର ଅଜାଣତରେ ବାରମ୍ବାର ଆଇନା ଆଡ଼କୁ ଝୁଙ୍କି ପଡ଼ୁଥିଲା···ରେଖା ଘରେ ପହଞ୍ଚିଲା-ବେଳକୁ ରେଖା ବ୍ୟତୀତ ସେତେବେଳେ ତା' ଘରେ ଆଉ କେହି ନ ଥିଲେ । ଚାରିଚକ୍ଷୁ ମିଳିତ ହେବାମାତ୍ରେ ଉଭୟଙ୍କ ମୁଖରେ ଲଜ୍ଜାର ଇଙ୍ଗିତ; କିନ୍ତୁ ସେହି ଲଜ୍ଜା ଭିତରେ ପୁଲକ ଥିଲା, ଉନ୍ମାଦନା ଥିଲା, ମାଦକତା ଥିଲା । ଉଭୟେ ବସିଥିଲେ ରେଖାର ପଢ଼ା କୋଠରିରେ । ରେଖାର ଆଖିର ଚାହାଣି ସେଦିନ ତା କ'ଣ ଅବ୍ୟକ୍ତ ରହିଥିଲା । ସେହି ଦିନଠାରୁ ନିତି ରେଖା ସହିତ ସାକ୍ଷାତ ହୁଏ । କେବେ ଏକାକୀ, କେବେ ବା ପ୍ରଣବ ସହିତ । ରେଖାର କଣ୍ଠରୁ ସେ ଶୁଣିଛି ବୁଲ୍‌ବୁଲ୍‌ର ପ୍ରାଣ ମତାଣିଆ ଗାନ, ହସର ଭଙ୍ଗୀରେ ଅଜନ୍ତା ଓ ଏଲୋରାର ବିଭବ । ରେଖା ସହିତ ସେ ଖେଳିଛି, ଗୀତ ଗାଇଛି, ସିନେମା ଦେଖିଛି; କିନ୍ତୁ ପ୍ରାଣର କୋହଳ

Digitized by srujanika@gmail.com

ଅନୁଭୂତିକୁ ମଧୁପର ପିପାସାରେ ରସାଣିତ କରନ୍ତି । ରେଖାକୁ ସେ ଭଲପାଏ । ଅତି ଭଲପାଏ, ରେଖାର ଭିତରେ ସେ ପ୍ରେରଣାର ପ୍ରସୂତି । ମଧୁପ ସମ ମଧୁ ଲୁଣ୍ଠନ କରି ତାର ନାସାଗ୍ରର ପ୍ରସ୍ଫୁଟିତ କୁସୁମକୁ ବଦଳାଇ କରି ସେ ଉଡ଼ି ଯିବାକୁ ଚାହେଁନା । କାରଣ ସେ ଭାବେ ଏ ଅସକ୍ତ ଜନ୍ମ ଜନ୍ମାନ୍ତରର । ଦୀର୍ଘ ଏକ ବର୍ଷର ନାଟକୀୟ ନୀରବତା ପରେ ପୁଣି ଲେଖିଲା ସେ ନୂତନ ଗଳ୍ପ, ନୂତନ କବିତା••• ଜୀବନର ନବ ନବ ଅନୁଭୂତି ସୃଷ୍ଟିକୁ ତାର ନିତ୍ୟ ନୂତନ କଲା ।

ଦିବସ ଆମକୁ ଦିଏ ନୂତନ ଜୀବନର ଇଙ୍ଗିତ, ଆଲୋକର ପ୍ରାଚୁର୍ଯ୍ୟ ଭିତରେ ନିଜକୁ ଆମେ ଖୋଜି ପାଉ; କିନ୍ତୁ ଆମେ ନ ଚାହିଁଲେ ମଧ୍ୟ ରାତି ଆସେ । ଏହାହିଁ ସୃଷ୍ଟିର ଚିରନ୍ତନ ନୀତି••• ଏହାହିଁ ବିଶ୍ୱ ଜଗତର ସ୍ୱାଭାବିକ ଗତି•••ଏହାହିଁ ଭବିତବ୍ୟ, ତେଣୁ ମାନବର ଶକ୍ତି ଏହାର ବ୍ୟତିକ୍ରମ କରି ପାରେନା । ସପନ ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲା ଅତି ନାଟକୀୟ ଭାବରେ ଯେଉଁ ରେଖା ତାର ଜୀବନକୁ ସୁପ୍ରିୟଳ କରିଛି । ସେହି ରେଖା ଅତି ନିକଟ ଭବିଷ୍ୟତରେ ଚାଲିଯିବ କେତେ ନଦୀ, ବନ, ପର୍ବତର ସେପାରିକୁ । ପୂଜାବକାଶ ସତେଇବଲାରେ କଟାଇ ଯେତେବେଳେ ସେ ଫେରିଲା, ସେତେବେଳେ ଶୁଣିଲା ସେ, ରେଖାର ପିତା ଅସିବାକୁ ବଦଳି ହୋଇ ଯାଉଛନ୍ତି । ପରିସ୍ଥିତିର ଏହି ନିର୍ମମ ଉପହାସ ତରୁଣ ସପନକୁ କିପରି ବେଦନାତୁର କରିଥିଲା ଅନୁଭବୀ ନ ହେଲେ ସେ କଥା ବା ଆଉ ବୁଝିବ କିଏ ?

ସେ ଦିନର ରାତି •••

ନିମନ୍ତ୍ରିତ ହୋଇ ସପନ ଯାଇଥିଲା ରେଖା ଘରକୁ । ଆକାଶରେ ଘୋଟି ଆସିଥିଲା ମେଘ । ଟିକିଏ ପରେ ଦେଖାଦେଲା ଅତିଥିଙ୍କ

Digitized by srujanika@gmail.com

ଝଡ଼ ଝଞ୍ଜା । ସେ ଦିନ ରାତି ସପନ ଆଜି ବସାକୁ ଫେରି ପାରିଲାନି । ରେଖାର ପଢ଼ା କୋଠରୀରେ ବସି ଭାବୁଥିଲା ସେ ନିଜ ଅତୀତ ଓ ଭବିଷ୍ୟତ ଜୀବନକୁ କେନ୍ଦ୍ର କରି । ତାର ଅନ୍ତଃ ପ୍ରକୃତି ବହିଃ ପ୍ରକୃତି ଭିତରେ ନିଜର ପ୍ରତିବିମ୍ବ ଦେଖି ପାରୁଥିଲା । ଭାବୁଥିଲା ସପନ···ବାହାରର ଏହି ଝଡ଼ ହୁଏତ କିଛି ସମୟ ପରେ ଅଜଣା ବାଟରେ ଚାଲିଯିବ; କିନ୍ତୁ ତାର ଅନ୍ତରରେ ଆଜି ଯେଉଁ ଝଡ଼ ଉଠୁଛି ସେ ଝଡ଼ର ଅବସାନ ସତେ କଣ ହେବ ???

ମନକୁ ମନ ପ୍ରଶ୍ନ କରୁଛି ସେ କିନ୍ତୁ·····ଉତ୍ତର ପାଉନି ।

ଝଡ଼ର ଅତ୍ୟାଚାରରେ ଇଲେକ୍‌ଟ୍ରିକ୍ ଲାଇନ୍ ଖରାପ ହୋଇ ଯାଇଥାଏ । ଟେବୁଲ ଉପରେ ଜଳୁଥିଲା ଖଣ୍ଡିଏ ବଡ଼ ମହମବତୀ । ସପନର ଆଖିରେ ନିଦ ନ ଥିଲା । ନୂଆ ନୂଆ ଚିନ୍ତାର ଭାରରେ ମସ୍ତିଷ୍କ ଭାରାକ୍ରାନ୍ତ ହୋଇ ପଡ଼ୁଥିଲା ।।

ରାତି ୪ଟା ପରେ······ ।

କମିଗଲା ବାହାରର ଝଡ଼ର ବେଗ କିନ୍ତୁ ସପନର ହୃଦୟ ଝଡ଼ର ପ୍ରାଦୁର୍ଭାବ ବୃଦ୍ଧିପାଉଥିଲା । ରେଖା···ତାର କାବ୍ୟନାୟିକା ରେଖା··· ତାର କଳ୍ପନାର ରୂପକୁମାରୀ ରେଖା, ଏ ରାତିର ଅବସାନ ସଙ୍ଗେ ସଙ୍ଗେ ଚାଲିଯିବ ବହୁତ ଦୂରକୁ । ଅତୀତ, ମଧୁର ଅତୀତ, ଆଜି ସେହି ମଧୁର ଅତୀତର ଅଭୁଲା ସ୍ମୃତି ମନେ ହେବ ସ୍ୱପ୍ନ, କେବଳ ସ୍ୱପ୍ନ, ରଙ୍ଗୀନ ସ୍ୱପ୍ନ । ରେଖା ତାର ମାନସଚକ୍ଷୁ ସମ୍ମୁଖରେ ଚିତ୍ରିତା ପଜାପତି ପରି ଘୁରି ବୁଲିବ ସିନା କିନ୍ତୁ ସ୍ପର୍ଶର ଭିତରେ ତ ତାକୁ ସେ ଅନୁଭବ କରି ପାରିବନି । ବିଛଣାରୁ ଉଠି ଛିଡ଼ା ହେଲା ସପନ,

Digitized by srujanika@gmail.com

ଝରକା କବାଟ ଖୋଲି ଦେଲା । ବାହାରୁ ବହି ଆସିଲା ଥଣ୍ଡା ପବନ, ତାର ଫୁତ୍କାରରେ ଲିଭିଗଲା ମହମବତୀର କମ୍ପିତ ଶିଖା ଅତି ଅସହାୟ ଭାବରେ । ଦମୀରର ଲହରୀରେ ଭାସି ଆସିଲା ଚରଣାୟୁଧର ସ୍ୱନ— "କୋକ୍‌ରେ କୋକ୍..."

ହଠାତ୍ ସପନର ମନେ ହେଲା କାହାର ମୃଦୁ ପଦ ଶବ୍ଦ କ୍ରମେ ନିକଟରେ ହେଉଛି । ଚମକି ପଡ଼ିଲା ସପନ । ମୁହଁରୁ ତାର ଅପେ ଆପେ ବାହାରି ଆସିଲା..."କିଏ ?"

"ପାରି କରନ୍ତୁ ନାହିଁ..."

"ରେଖା ! !"

"ବିଶ୍ୱାସ ହେଉନି ?"

ସପନ ନିରୁତ୍ତର । ରେଖା ତାର ପାଖକୁ ଲାଗି ଆସିଲା । ଆଶ୍ଚର୍ଯ୍ୟ ହେଲା ସପନ । ଏ କଣ ଘଟିଛି ତାର ଅଗୁଛି କାହିଁକି ? କପାଳରେ ହଠାତ୍ କାହିଁକି ଫୁଟି ଉଠୁଛି ବିନ୍ଦୁ ବିନ୍ଦୁ ସ୍ୱେଦ...ଥରିଲା ଗଳାରେ କହିଲା ସେ.. "ରାତି ଏବେ ବି ପାହିନି ରେଖା ।" ରେଖା କିନ୍ତୁ ସପନର କଥା ଶୁଣି ମଧ୍ୟ ନ ଶୁଣିଲା ପରି ପାଖକୁ ଲାଗି ଆସି କହିଲା; "ମୋତେ ଭୁଲିଯିବନି ତ ?" ବୁଝି ପାରିଲା ସପନ ତାର ବେଦନା ରେଖାର ହୃଦୟରେ ଆଲୋଡ଼ନ ସୃଷ୍ଟି କରୁଛି । ରେଖାକୁ ବୁକୁ ଉପରେ ଚାପି ରଖି ଧୀର ଗଳାରେ କହିଲା...

"ତମେ ଶୋଇନ ରେଖା ?"

"ନା, ପାରିଲିନି..." ଆଉ କିଛି କହି ନ ପାରି କେବଳ କ୍ରନ୍ଦନ ଭିତରେ ନିଜକୁ ପ୍ରକାଶ କରିବା ପାଇଁ ରେଖା ସତେ ଯେପରି ଅଧୀର ହୋଇ ଉଠିଲା । ସପନର ଅଜ୍ଞାତରେ କେତେବେଳୁ

Digitized by srujanika@gmail.com

ବ' ଧାର ଲହ ତାର ଆଖିରୁ ଝରିପଡ଼ିଲା । ରେଖାର ଆଖିରୁ ଲୁହ ପୋଛି ଦେଇ ଦେଇ କହିଲା ସେ···

"ଛିଃ ତମେ କାନ୍ଦୁଛ ?"

"ମୋତେ ଭୁଲିଯିବନି ତ ?"

"ଅସମ୍ଭବ ରେଖା, ତୁମକୁ ମୁଁ କେବେ ଭୁଲି ପାରିବି ନାହିଁ ତୁମେ ଯେ ମୋର କଳ୍ପନାର ସ୍ରଷ୍ଟା, ସ୍ୱପ୍ନର ରୂପକୁମାରୀ···

"ଭଗ୍ନ ହୁଏ କବି ହୁଏତ ଏଲୋରା ଓ ଅଜନ୍ତାର ନାରୀମୂର୍ତ୍ତି ଭଳି ମୁଁ କେବଳ ତୁମର କଳ୍ପନାର ଛବି ହୋଇ ରହିବି···"

"ତୁମକୁ ଭଲ ପାଇବା ମୋ ପକ୍ଷରେ ଗୌରବର କଥା ରେଖା । ତୁମର ଏହି କ୍ଷଣିକର ଦାନକୁ ସମ୍ବଳ କରି ନାରୀ ଜୀବନ କଟାଇ ଦେବା'ରେ ମଧ୍ୟ ମୋର ଆନନ୍ଦ ଅଛି । କିନ୍ତୁ ତମେ ତ ଭୁଲ କରୁନ ?"

"ତୁମ ସହ ବିଜନ ବନାନୀକୁ ମଧ୍ୟ ଯିବାକୁ ମୁଁ ପ୍ରସ୍ତୁତ ଅଛି କବି···" ରେଖା ନିଜର ଆବେଗକୁ ସମ୍ଭାଳି ନ ପାରି ଢଳି ପଡ଼ିଲା ସପନର ବକ୍ଷ ଉପରେ, ଆଉ ସପନ ? ସେ ବି' ଯୌବନର ମଧୁର ଆକର୍ଷଣକୁ ଏଡ଼ାଇ ପାରିଲାନି । ଧୀରେ ଧୀରେ ଅଧର ତାର ନଇଁ ଆସିଲା ରେଖାର ଚିବୁକ୍ ଉପରକୁ । ବହିଲା ମାଦକତାରେ ରେଖା ତାର ଗଳା ବେଷ୍ଟନ କଲା × × × × × × ×

ଚଳଚିତ୍ରର ଛବି ପରି ଅତୀତର ଏକ ମଧୁମୟ ରଜନୀର ମଧୁର ସ୍ମୃତି ଗଗନରେ ମାନସଚକ୍ଷୁରେ ଜୀବନ୍ତ ହୋଇ ଉଠିଥିଲା । ତାର ମନେ ହେଲା ସତେ ଯେପରି ସେ ରେଖାର ବାହୁ ବନ୍ଧନ

Digitized by srujanika@gmail.com

ଭିତରେ ଅଛି । ପ୍ରାଣରେ ତାର ମଦ୍ୱସ୍ତର ଆମେଜ ରକ୍ତରେ ବିଦ୍ୟୁତ ସର୍ବାଙ୍ଗରେ ପୁଲକର ଊର୍ମି । ହାତର କେପ୍‌ଷ୍ଟେନ୍ ସିଗାରେଟ୍ ପ୍ରତି ତାର ଆଦୌ ଦୃଷ୍ଟି ନ ଥିଲା । ଅନାଦର ଜଡ଼ିତ ବେଦନାରେ ନିଜକୁ ଆପେ ଆପେ ଜଳି ପୋଡ଼ି ସେ ନିଃଶେଷ କରୁଥିଲା । ହଠାତ୍ ବର୍ତ୍ତି ଅଙ୍ଗୁଳିରେ ଉତ୍ତାପ ଅନୁଭବ କରି ଚମକି ଉଠିଲା ସପନ । କଳ୍ପନା ଭାଙ୍ଗିଗଲା । ହାତର ସିଗାରେଟ୍‌ଟି ଫୋପାଡ଼ି ଦେଇ ଗରି ଅଡକୁ ଚାହିଁଲା···କେହି ନାହିଁ ଃ ପ୍ରଶାନ୍ତ ଅସୀମ ନୀଳ ଗଗନରେ ତାହାର ପ୍ରଦୀପ ମଳିନ ହୋଇ ଆସୁଛି । ତଳେ ନିଥର ଧରଣୀ, ନିଦ ତାର ଭାଙ୍ଗି ଭାଙ୍ଗି ଆସୁଛି, ପଶ୍ଚିମପଟର ବିଶାଳାୟତନ ବୃକ୍ଷ ଉହାଡ଼ରେ ଚନ୍ଦ୍ର ଆତ୍ମଗୋପନ କଲାଣି । ଅଦୂରରୁ ଭାସି ଆସିଲା···ଚରଣାୟୁଧର ସ୍ୱନ···କେ କ୍‌ରେ କୋକ୍···

୧୯୫୭ ଜୁନ ସଂଖ୍ୟା 'ଅସନ୍ତାକାଲ୍'ରେ ପ୍ରକାଶିତ

Digitized by srujanika@gmail.com

କବିର ମୃତ୍ୟୁ

ସେ ଲେଖୁଥିଲା···

ଗଭୀର ରାତି···କ୍ଷୁଦ୍ର କୋଠରୀ ଭିତରେ ବିକ୍ଷିପ୍ତ ହୋଇ ପଡ଼ିଥିଲା ଅଗଣିତ ଚାରମିନାର ଟୁକୁରା। ଗୋଟିଏ ଦୁଇଟିରୁ ଧୂମ୍ର କୁଣ୍ଡଳୀ ଉଠିବା ଶେଷ ହୋଇ ନଥିଲା।। ପୁଣ୍ୟଶ୍ଳୋକ ଟେବୁଲ ଉପରକୁ ଝୁଙ୍କି ପଡ଼ି ଲେଖୁଥିଲା। ଗୋଟିଏ ପରିଚ୍ଛେଦ ଲେଖି ସାରିବା ପରେ ତାର ସନ୍ଧାନୀ ଦୃଷ୍ଟି ପରିଚ୍ଛେଦର ପ୍ରତିଟି ଅକ୍ଷର ଭିତରୁ କ'ଣ ଯେପରି ଖୋଜେ। ତାପରେ···ତାପରେ ଟୁକୁରା ଟୁକୁରା କରି କାଗଜଟି ଛୁଡାଇ ଦେଉଥିଲା ସେ। ଆଖିରେ ତାର ଅଶ୍ରୁ, ହୃଦୟରେ କୋହ, ମନରେ ଅଶେଷ ବେଦନାର ପ୍ଲାବନ। କିଛି ସମୟ ସେହି ସ୍ତୂପିକୃତ ଟୁକୁରା କାଗଜ ଆଡ଼କୁ ବ୍ୟଥିତ ଆଖିରେ ଚାହିଁ ପଞ୍ଜରା ଭିତରୁ ବାହାରି ଆସୁଥିଲା ଦୀର୍ଘଶ୍ୱାସ।

ବାହାରେ ଶୁକ୍ଳ ତିଥିର ଚନ୍ଦ୍ର···

କ୍ଳାନ୍ତ ପୃଥିବୀ ଉପରେ ଚନ୍ଦ୍ରିକାର ସ୍ନିଗ୍ଧ ପ୍ରଲେପ। ମଝିରେ ମଝିରେ ସୁଦୂରର ସେକେଉଁ ସରୁଡ଼ାଳରୁ ପକ୍ଷୀଟିଏ କେଜାଣି କାହିଁକି ରାବି ଉଠୁଛି। ପୁଣ୍ୟଶ୍ଳୋକ ଚେୟାର ଛାଡି ଉଠିଲା। ଆଲମିରା ଉପରେ ଥିବା ଏଲାରମ ଟାଇମ୍‌ପିସ୍‌ର ଟିକ୍ ଟିକ୍ ଶବ୍ଦ କେତେବେଳୁ ବନ୍ଦ ହୋଇଗଲାଣି। ଆଜକୁ ଦଶବର୍ଷ ତଳେ କିଣିଥିଲା ସେ ଘଡ଼ିଟି ହାତରେ ଉଠାଇ ଟିକିଏ ହଲାଇ ଦେଲା। ଟିକ ଟିକ ଶବ୍ଦ

Digitized by srujanika@gmail.com

ଭର ଏକ ମିନଟ ପର୍ବରୁ ପୁଣି କଣ୍ଠାର ଗତି ବନ୍ଦ ହୋଇଗଲା । ମୁହୂର୍ତ୍ତିକର ଟିକ୍ ଟିକ୍ ଶବ୍ଦରେ ସତେ ଯେପରି ସେ କହୁଥିଲା ··· "ମୋ'ର ଶକ୍ତି ନାହିଁ · ମେତେ ବୃଥାରେ କଷ୍ଟ ଦଅନା ।" ଟେବୁଲ ଉପରେ ଘଣ୍ଟାଟି ରଖିଦେଇ ବାତାୟନ ପାର୍ଶ୍ୱରେ ଛିଡ଼ା ହେଲା ପୁଣ୍ୟ-ଶ୍ଳୋକ ।

ବେଶ୍ ଚମତ୍କାର ଦିଶୁଥିଲା ଚନ୍ଦ୍ରର ଅଭିସାର·········

କ୍ଷଣିକ ପାଇଁ ପୁଣ୍ୟ ଶ୍ଳୋକ ଭୁଲିଗଲା ବୁକୁତଳର ପୁଞ୍ଜିଭୂତ ବେଦନା । ସେ ଚାହିଁଲା ମୁଗଧ ନୟନରେ, ପିପାସିତ ଦୃଷ୍ଟିରେ ଚାହିଁ ରହିଲା । ବହୁଦିନ ହେଲା ଏମିତି ଚାହିଁ ନା ସେ । ଉପରେ ହବ ବିହ୍ୱଳିତ କାମୁକ ଚନ୍ଦ୍ର···ତଳେ ଶ୍ୟାମଳା ଧରଣୀର ମୁକୁଳା ଯୌବନ ଜନ୍ମ ଜୋଛନାରେ କାନ୍ତ ଓ କମନୀୟ । ଭାବୁଥିଲା ପୁଣ୍ୟ ଶ୍ଳୋକ—ଅଭିତି ଏ ପୃଥିବୀର ଯୌବନ, ପ୍ରାଣ ପାତ୍ରରେ ତାର ଅସରା ପ୍ରେମର ମଦିରା । ସେ କେଉଁ ଅନାଦି କାଳରୁ ଏ ଯୌବନର ସୃଷ୍ଟି । କେତେ ଯେ କବି, ଭାବୁକ ଓ ପ୍ରେମିକ ରସ ପାନକୁ ସେହି ଯୌବନର ସୁରାରେ ପର୍ଣ୍ଣ କରିଛନ୍ତି ତାର କଳନା ନାହିଁ । ତଥାପି, ତଥାପି ଅକ୍ଷୟ, ଅବ୍ୟୟ ପୃଥିବୀର ସେ ଯୌବନ, ସୃଷ୍ଟିର ଏକ ଅଦ୍ଭୁତ ରହସ୍ୟ ।

ପୁଣ୍ୟଶ୍ଳୋକର ଚିନ୍ତାସ୍ରୋତ ପଛକୁ ଫେରିଲା··· ···

ସେଦିନ ଓ ଆଜି କେତେ ତଫାତ ସତେ !! ଦିବସର ସ୍ୱପ୍ନ ଯିବ ମନର ପର୍ଦ୍ଦାରୁ ଗୋଟି ଗୋଟି ହୋଇ ବହୁ ସ୍ମୃତି ଲିଭି ଯାଇଛି; କିନ୍ତୁ ତାହାଙ୍କ କେଜାଣି ସେ କଥା ତ ସେ. ଭୁଲିବାକୁ ଯାଇ ବେଶି ଘନ ପଡ଼ାଇଛି । ଆପେ ଆପେ ପ୍ରତିଟି ଅବସାଦ କ୍ଳିଷ୍ଟ ମୁହୂର୍ତ୍ତରେ

Digitized by srujanika@gmail.com

ତାହା ଉଦ୍ଭାସିତ ହୋଇ ଉଠେ । କ୍ଷଣିକ ପାଇଁ ସତେ ଯେପରି ସେ ଫେରିଯାଏ ସେହି ଅତୀତକୁ ବୃଥାରେ ।

ଠିକ୍ ଏହିପରି ସେଦିନର ଗପ…

ସେଦିନ ବି' ଚନ୍ଦ୍ରର ନୈଶ ଅଭିସାର ବେଶ୍ ଉପଭୋଗ୍ୟ ହୋଇଥିଲା । ତୁଳସୀପୁରର ଗୋଟିଏ ଏକମହଲା କୋଠା ଉପରେ ବସିଥିଲା ସେ, ବି, ଏ, ପରୀକ୍ଷାର ଫଳ ବାହାରିଥିଲା ସେ ଦିନ । ଅନର୍ସ ଓ ଡିଷ୍ଟିଙ୍କସନ୍ ସହିତ ପାଶ୍ କରିଥିଲା ପୁଣ୍ୟଶ୍ଳୋକ । ସେଦିନ ତାର ଆନନ୍ଦର ଦିନ…ପୁଲକିତ ହେବାର ସମୟ । କିନ୍ତୁ ଏ କଣ ? ଆଖିରେ ତାର ଅଶ୍ରୁ କାହିଁକି ? କଟକର ସବୁ ସିନେମା ହଲ୍‌ରେ ଭଲ ଭଲ ଫିଲ୍ମ । ଘଡି ସାଇକେଲ୍ ଓ ଫାଉଣ୍ଟେନ ପେନ୍ ବନ୍ଧା ଦେଇ ସିନେମା ଦେଖିବାର ଦୃଷ୍ଟାନ୍ତ କଟକ ସହରରେ ଅଭାବ ନାହିଁ । ଟିକଟ କିଣାବିକାରେ ବି' କଳାବଜାର ଏବେ ଦୈନନ୍ଦିନ ଘଟଣାରେ ପରିଣତ ହେଲଣି । ହିନ୍ଦ, କେପିଟେଲ ଓ ପ୍ରଭାତ ସିନେମା ହଲ୍‌ର ସବୁ ସିଟ୍ ଆଜି ପୂର୍ଣ୍ଣ ହୋଇ ଯାଇଛି । ବହୁଲୋକ ଟିକଟ ନପାଇ ଶେଷକୁ ଅର୍ଦ୍ଧପୂର୍ଣ୍ଣ ଥିଏଟରର କାଉଣ୍ଟରରେ ଧାଡ଼ି ହୋଇ ଛିଡ଼ା ହୋଇଛନ୍ତି, କିନ୍ତୁ ପୁଣ୍ୟଶ୍ଳୋକ ? ସେ ଏକାକୀ ବିଜନରେ । ଉପରେ ଉତ୍ଫୁଲ୍ଲ ଚନ୍ଦ୍ର, ତଳେ ଶୁଭ୍ର ଜ୍ୟୋତ୍ସ୍ନା ମୁଖର ପ୍ରକୃତି ଲାବଣ୍ୟମୟୀ ପ୍ରକୃତି ତାକୁ ହାତଠାରି ଡାକୁଛି । ଆଜି ସେ ଶୁଣି ମଧ୍ୟ ଶୁଣିନି, ଜାଣି ମଧ୍ୟ ଜାଣି ପାରୁନି ।

"ବେଶ୍ ଚଳୁଛନ୍ତି ତ ଆପଣ ?"

"ଓ, ତମେ ?" ଚମକି ପଡ଼ି କହିଲା ପୁଣ୍ୟଶ୍ଳୋକ ।

"ଚାହିଁ ପାରୁ ନାହାନ୍ତି ? ମୁଁ କାହିଁକି ଚାହିଁବେ ? ବିଶ୍ୱବିଦ୍ୟାଳୟର କୃତୀ ଛାତ୍ର ଆପଣ …… ……

Digitized by srujanika@gmail.com

"ନା, ସୀତା, ତୁମକୁ ଏଠାରେ ହଠାତ୍ ଆଶାକରି ନଥିଲି…",

କିଛି ନ କହି ଚାଲି ଯାଉଥିଲା ସୀତା ! ପ୍ରତିଟି ପଦ କ୍ଷେପରେ ତାର ଫୁଟି ଉଠୁଥିଲା କାରୁଣ୍ୟ ।

"ତୁମେ ମୋତେ ଭୁଲ ବୁଝନା ସୀତା । ଭାବିଥିଲି ତମେ ହୁଏତ ହ୍ୱନ୍ ବା କେପିଟେଲରେ ଥିବ…"

ସୀତା ଛିଡ଼ାହେଲା । ତାପାଖକୁ ଆଗେଇ ଗଲା ପୁଣ୍ୟଶ୍ଲୋକ । କ୍ଷଣିକ ପାଇଁ ଉଭୟେ ନୀରବ । ନୀରବତା ଉଭୟଙ୍କର ପକ୍ଷରେ ଅସହ୍ୟ । କିନ୍ତୁ ପ୍ରଥମେ ଆରମ୍ଭ କରିବ କିଏ ? ପୁଣ୍ୟଶ୍ଲୋକ ଜାଣେ ବଡ଼ ଅଭିମାନୀ, ଅଜି, ଖିଆଲି ଏଇ ସୀତା । ତେଣୁ ଆରମ୍ଭ କଲା ସେ…

"ସୀତା !"

"ଜିଁ"

"ରାଗିଲ ?"

"ରାଗିବିନି ? କହୁଥିଲ ପରା ଫଳ ବାହାରିଲେ…"

"ଓଃ" ଖୁବ୍ ଜୋରରେ ହସି ଉଠିଲା ପୁଣ୍ୟଶ୍ଲୋକ । ତାପରେ କହିଲା…"ବିଶ୍ୱାସ କର ସୀତା, ଗୋଟିଏ ଅଚଳ ଅଠଣି ଛଡ଼ା ପକେଟରେ ଗୋଟିଏ ବି' ପଇସାନାହିଁ ଅପରାହ୍ନରେ ଦୈନିକ 'ପ୍ରଜାତନ୍ତ୍ର'ର ସହକାରୀ ସମ୍ପାଦକ ରମେଶବାବୁଙ୍କ ଘରେ ପେଟେ ଜଳଖିଆ ଖାଇଦେଇଛି, ରାତିଟା କୌଣସି ପ୍ରକାରରେ ଚଳିଯିବ, କାଲିକଥା କାଲି । ଆରେ ତୁମେ ବିଶ୍ୱାସ କର ପାରୁନ ?"

ସୀତା ଚାହିଁଲା……ଅନିମେଷ ନୟନରେ ପୁଣ୍ୟଶ୍ଲୋକ ତା ଆଡ଼କୁ ଚାହିଁଥିଲା । ଅର୍ଥଭରା ସେ ଦୃଷ୍ଟି କି ଲୋଭନୀୟ ସତେ !

Digitized by srujanika@gmail.com

ତାକ ଜ୍ୟୋସ୍ନାର ନିବିଡ଼ ଆଲିଙ୍ଗନରେ ତାର କମନୀୟ ରୂପ ଅପୂର୍ବ କାନ୍ତ ହୋଇ ଉଠିଥିଲା । ଉନ୍ନତବକ୍ଷ ଉପରୁ ଖସି ପଡ଼ୁଥିବା ସିଲ୍କ ଘୋଡ଼ଣିଟି ସଜାଡ଼ି ଦେଇ ମୁହୂର୍ତ୍ତକ ପାଇଁ କେଜାଣି କାହିଁକି ଲପନ ତା'ର ରକ୍ତିମ ହୋଇ ଉଠିଲା । ପରକ୍ଷଣରେ ସେହି ଗୃହାଣୀ —ସତେ ଯେପରି କରୁଣାରେ ସେ ଦ୍ରବି ଯାଉଥିଲା । ଦୃଷ୍ଟି ଫେରାଇ ଆକାଶ ଆଡ଼କୁ ଚାହିଁଲା ପୁଣ୍ୟଶ୍ଳୋକ; କିନ୍ତୁ ସମୟ ଅଳ୍ପ । ଚିନ୍ତା ନିକଟରେ ଥାଇ ନୂତନ ଯୋଜନାକୁ ପ୍ରକାଶ କରିବାର ତୀବ୍ର କାମନା ବଳବତ୍ତର ହେଉଥିଲା···

"ଯେଉଁଦିନ ପ୍ରଥମ ଦରମା ପାଇବି···

"ଦରମା ! !"

"ଚମକି ପଡ଼ିଲ ଯେ, ମୁଁ କ'ଣ ଚାକିରି କରିବାର ଉପଯୁକ୍ତ ନୁହେଁ ?"

"ଆପଣଙ୍କ ସମ୍ପର୍କରେ ମୋର ଭିନ୍ନ ଧାରଣା ଥିଲା । ଏବେ କିନ୍ତୁ ଦେଖୁଛି ସେ ଧାରଣା ମୋର ଭୁଲ···

"ଭୁଲ ! !"

"କବି ଓ କବିତା ଭିତରେ କେତେ ତଫାତ୍ ସତେ !"

"ତୁମେ ନିହାତି ଅବୋଧ ହୋଇ ପଡ଼ୁଛ ଚିନ୍ତା ।"

"ସଂଗ୍ରାମ କରିବା ପାଇଁ ଶକ୍ତି ଯା'ର ନାହିଁ, ଅନ୍ୟକୁ ସଂଗ୍ରାମପାଇଁ ତାର ଆହ୍ୱାନ···

"ଏଥର ବୁଝିଛି, କିନ୍ତୁ ତୁମେ ଭୁଲିଯିବା ଅନୁଚିତ ଯେ ପ୍ରତ୍ୟେକର ଗୋଟିଏ ସୀମା ଅଛି ! ଆଦର୍ଶର ପଛରେ ଘାଇପରି ଘୁରିବୁଲି ମୋ ଭିତରର ମଣିଷ୍ଟା ପ୍ରତି ମୁଁ ଆଉ ଅବିଚାର କରି ପାରିବି ନାହିଁ ।"

Digitized by srujanika@gmail.com

"ଅବଶ୍ୟ ଭବ ନାହାନ୍ତି, କରିବାକୁ ଯାଉଛନ୍ତି..."

"ପୁଣ୍ୟଶ୍ଳୋକ କହୁଁ କହୁଁ ବସିବା ଦେହରୁ ଝଡ଼ପର ଫୁଲଗଛ ସ୍ମିତା । କିନ୍ତୁ ସମସ୍ତ ସେଆଡ଼କୁ ଚାହିଁ ପୁଣି ଆକାଶ ଆଡ଼କୁ ଅନାଇଲା ପୁଣ୍ୟଶ୍ଳୋକ । ଚନ୍ଦ ଉପରକୁ ଉପରକୁ ଉଠୁଥିଲା—ଲୀଳାମୟୀ, ଛନ୍ଦଭରା, ଅପରୂପ ତାର ଗତି । ଚନ୍ଦ ଆହୁରି ଉପରକୁ ଉଠିବ । ପୃଥିବୀ ପରିକ୍ରମା ତାର ଲକ୍ଷ୍ୟ । କିନ୍ତୁ ସେ ? ନା, ସେ ଆଉ ଉପରକୁ ଉଠି ପାରିବନି...ପୁଣ୍ୟଶ୍ଳୋକର ଆଖିରେ ଅଶ୍ରୁ ।

"ମୋ କଥା ରଖିବାକୁ ପଡ଼ିବ..."

"ଏତେଶୀଘ୍ର ଫେରି ଆସିଲ ?"

"କଥା ଶେଷକରି ନ ଥିଲି, ନଆସି ରହି ପାରିଲିନି..."

"କୁହ ।"

"ପ୍ରଥମେ କଥା ଦିଅନ୍ତୁ, ମୋ କଥା ରଖିବେ"

"ତୁମକୁ ଅସମ୍ମାନ କେବେ କରିଛି ?"

ସ୍ମିତାର ଅଧରରେ ସ୍ମିତ ହାସ୍ୟ ଖୁବ୍ ଚମତ୍କାର ଦିଶୁଥିଲା । ଏଇ ସେ ସ୍ମିତା । ଯା' ପାଇଁ, ଯାକୁ କେନ୍ଦ୍ର କରି ଗଳ୍ପ ଲେଖି ଲେଖି ସେ ଓଡ଼ିଶାର ବଶିଷ୍ଟ ଗାଳ୍ପିକ ହୋଇ ପାରିଛି । ପ୍ରଥମ ଦେଖାରେହିଁ ଅନ୍ତରରେ ଯେ ତା' ପାଇଁ ଭରି ହୋଇଥିଲା ମମତା । ସ୍ମିତା ଏକ-ଲୟରେ ଚାହିଁ ଥିଲା ପୁଣ୍ୟଶ୍ଳୋକକୁ । ତା'ପରେ ହାତର ପ୍ୟାକେଟଟି ପୁଣ୍ୟଶ୍ଳୋକର ହାତରେ ଦେଇ କହିଲା..."ମୋତେ କଥା ଦେଇଛନ୍ତି, ଏ ପ୍ୟାକେଟଟି ରଖିବାକୁ ହେବ ।" ସ୍ମିତା ଚାଲି ଯାଇଥିଲା । ପ୍ୟାକେଟ ଖୋଲି ଚମକି ପଡ଼ିଲା ପୁଣ୍ୟଶ୍ଳୋକ । ଜହ୍ନ ଆଲୁଅରେ ମୁକ୍ତାଖଚିତ ସ୍ମିତାର ଅଳଙ୍କାରଗୁଡ଼ିକ ଚକ୍ ଚକ୍ କରି ଉଠିଲା ।

Digitized by srujanika@gmail.com

"ସୀତା ! !"

"କଅଣ ?" ଫେରି ପୁଚ୍ଛିଲ ସୀତା ।

"ମୋତେ କ୍ଷମାକର, ମୁଁ ମୁଁ···

"ଆପଣଙ୍କ ଉଚ୍ଚଶିକ୍ଷା ପାଇଁ ଘରେ ମିଥ୍ୟା କହିବାକୁ ମୁଁ କୁଣ୍ଠାବୋଧ କରିବିନି ।"

କ୍ଷଣେକ ମୂକ ପାଲଟିଗଲା ପୁଣ୍ୟଶ୍ଳୋକ···ଅଳଙ୍କାର ସହିତ ହାତ ଦୁଇଟି ତାର ଥରି ଉଠିଥିଲା ସୀତାର ଅଳଙ୍କାର ଉପରେ । ତା'ର ଅମାନିଆ ଲୁହ ବିନ୍ଦୁ···ବହିଯାଉ କ'ଣ କହିବାକୁ ଯାଇ କିଛି କହି ପାରୁ ନଥିଲା ସେ···

"ଲୁହ ଆପଣଙ୍କ ଆଖିରେ ଶୋଭା ପାଏନା···

"ସୀତା !"

"କୁହନ୍ତୁ···

"ମୁଁ କଥା ଦେଉଛି ସୀତା···ମୁଁ ପଢ଼ିବି, ନିଶ୍ଚୟ ପଢ଼ିବି । ଏ ଅଳଙ୍କାର ତୁମେ ଫେରାଇ ନିଅ ।"

"ଓ ପରର ଅଳଙ୍କାର ବୋଲି···

"ଛି, ସୀତା, ସିମିତ ସ୍ୱପ୍ନରେ ବି' ମୁଁ ଭାବି ପାରେନା । କ୍ଷଣିକ ଅବସାଦରେ ଭାଙ୍ଗି ପଡ଼ିଥିଲି । ଶକ୍ତିର ଅଭାବରେ ଶିବ ଶବ ପାଲଟି ଯାଇଥିଲା । ତୁମେ ପୁଣି ନୂତନ ଶକ୍ତିର ଦାନରେ ତାକୁ କର୍ମକ୍ଷମ କରି ପାରିଛ । ସାଧନା, ସାଧନାହିଁ ମୋର ଉପାସ୍ୟ ନିଜ ଚେଷ୍ଟାରେ ମୁଁ କୃତକାର୍ଯ୍ୟହେଲେ ସେଥିରେ ତୁମର ଗର୍ବ କରିବାର ଯଥେଷ୍ଟ କାରଣ ଅଛି···

Digitized by srujanika@gmail.com

ସୀତା ଗୃହଁ ଥିଲା । ଭାବ ବିହ୍ୱଳିତ ତାର ପଟ୍ଟଶାଳ-ଶିରା ଚକ୍ଷୁ ଦେବଜାଣି ତାହାଙ୍କ ଅର୍ଦ୍ଧ ହୋଇ ଉଠୁଥିଲା । ନିଜ ହାତରେ ପ୍ୟାଟେଣ୍ଟର ଅଳଙ୍କାର ଗୁଡ଼ିକ ପିନ୍ଧାଇ ଦେଇଥିଲା ସୀତାକୁ ପୁଣ୍ୟଶ୍ଳୋକ । ତା'ପରେ ସସ୍ନେହରେ ତାର ଅଳସ ବାଳଗୁଡ଼ିକ ସଜାଡ଼ି ଦେବାବେଳେ ଗୋଟିଏ ଟୁକୁରା ଭ୍ରମମାନ ମେଘ କ୍ଷଣିକ ପାଇଁ ଗମ୍ଭୀର ମମତାରେ ଚନ୍ଦ୍ରକୁ ଲୁଚାଇ ପକାଇଲା ।

\+ \+ \+

ବାତାୟନ ପାର୍ଶ୍ୱରେ ଚନ୍ଦ୍ରିକା-ସ୍ନାତ ଧରଣୀ ଅଙ୍ଗକୁ ଅନାଇ ଭାବ ଗୃଳଥିଲା ପୁଣ୍ୟଶ୍ଳୋକ । ଅତୀତ କି ମଧୁର ସତେ ! ! ସେଦିନର ପ୍ରେମିକା ସୀତା ଏବେ ତାର ବଧୂ । ସେଦିନ ଯା ର କ୍ଷଣିକ ସାନ୍ନିଧ୍ୟ ତା ଜୀବନକୁ ଗୀତିମୟ କରୁଥିଲା ଏବେ ସେ ତାର ନିକଟରେ··· ଅତି ନିକଟରେ । କଳ୍ପନା ଭିତରେ, ସ୍ୱପ୍ନ ଭିତରେ, ଯାହାକୁ ସବୁବେଳେ ଅନୁଭବ କରୁଥିଲା ଏବେ ସେ ନିଜକୁ ଧରାଦେଇଛି ତାର ପାଖରେ । ତଥାପି ତାହାଙ୍କ ସୁଖୀ ହୋଇ ପାରିନି ସେ ? ? ? ଜଣେ ଉକିଲ, ପ୍ରତିଷ୍ଠିତ ଲେଖକ, ସ୍ୱନାମଧନ୍ୟ ଦେଶସେବୀ ହିସାବରେ ସମାଜରେ ତାର ଖ୍ୟାତି ରହିଛି । ତେବେ ? ତେବେ ?

ବାସ୍ତବତା ଓ କଳ୍ପନା ଭିତରେ କେତେ ତଫାତ ସତେ ? ଲକ୍ଷଣେଶ୍ୱରର ସଂସାର ଭିତରେ ଜୀବନର ସ୍ୱପ୍ନ ଆତ୍ମହତ୍ୟା କରିଛି । କୁଆଁରି ବର୍ଷ ଭିତରେ ସଜାଫୁଟା ମଲ୍ଲିପର ତନୋଟି ସନ୍ତାନ ସୀତା ତାକୁ ଉପହାର ଦେଇଛି । ସମୟ ବଦଳିଛି । ତାରି ସାଥିରେ ବଦଳି ଯାଇଛି ଅତି ଆଡମ୍ବର ଭାବରେ ତାର ଝିଅ ସ୍ୱଜନମାନେ । ସେମାନଙ୍କର ଭିତରେ ନିସ୍ତୃତ ନିଜକୁ ଲୁଚାଇ ରଖି ସଜ୍ଜିତ ଯେପରି

Digitized by srujanika@gmail.com

ତାକୁ ଉପହାସ କରୁଛି । ଏକ ଦିଗରେ କେତେ ଲେଖାଯୋଖା ଅସ୍ଥାୟୀ ସ୍ୱଜନମାନଙ୍କର ଦୈନିକ ସମାବେଶ, ଅନ୍ୟ ଦିଗରେ ପରିବାରର ଦୈନନ୍ଦିନ ନୂଆ ନୂଆ ଦରଦ ସମସ୍ତେ ସମସ୍ତଙ୍କର ପାଉଣା ଅଦାୟ କରୁଛନ୍ତି ତାର ରକ୍ତ ଶୋଷଣ କରି । ସେ କେଉଁଠାରୁ ଆଣିବ, କପରି ଆଣିବ, ସେଥିପ୍ରତି କାହାରି ଚିନ୍ତାନାହିଁ । ଯେକୌଣସି ଉପାୟରେ ଆଣିବାକୁ ପଡ଼ିବ ସମସ୍ତେ ସବୁ ପାଉଛନ୍ତି କିନ୍ତୁ ସେ ? କଳାକୋଟର ଦୁଇସ୍ଥାନରେ ତାଳି ପଡ଼ିଲାଣି । ଅତି ମଇଳା ନ ହେବା ପର୍ଯ୍ୟନ୍ତ ଫୁଲପ୍ୟାଣ୍ଟ ଧୋବା ଘରକୁ ଯାଏନା । ବଜାରର ବହୁ ଦୋକାନରେ ଧାର । ରାସ୍ତାରେ ଗୁଲିଲାବେଳେ ଭାରି ଭୟ ଲାଗେ ତାକୁ । କଲମ ଧରିବେ ଲେଖୁଥିଲା ଏବେ ଚେଷ୍ଟାକରି ବି ସେ ଲେଖି ପାରେନା । ଠିକା ଠିକାହିଁ ତାର ଉପାସ୍ୟ । ପ୍ରତି ସପ୍ତାହରେ ବିଭିନ୍ନ ପତ୍ର ପତ୍ରିକାର ସମ୍ପାଦକଙ୍କଠାରୁ ଚିଠି ପାଏ ସେ । ତାର ନାଟକୀୟ ନୀରବତାରେ ସମସ୍ତେ ଦୁଃଖିତ । 'ଟେକ୍ସଟ୍ ବୁକ୍' ଲେଖିବାପାଇଁ ମୋଟା ଧରଣର ଅର୍ଥ ଆଣିଛି ସେ ଜନୈକ ପ୍ରକାଶକଙ୍କ ଠାରୁ, ପାଣ୍ଡୁଲିପି ପାଇଁ ଚିଠି ଲେଖି ଲେଖି ସେ ବିରକ୍ତ ହୋଇଗଲେଣି । ବହି ଦାଖଲ କରିବାର ତାରିଖ ନିକଟ ହୋଇ ଆସିଲାଣି । ସକାଳ ପାହିଲେ ବସ୍‌ରେ ସେ ଆସିବେ । ତାଙ୍କର ଟ୍ରଙ୍କ କଲରେ ସେ ବହି ଲେଖା ସରିଛି ବୋଲି ମିଥ୍ୟା କହିଛି ।

ବିବ୍ରତ ହୋଇପଡ଼ିଲା ପୁଣ୍ୟଶ୍ଳୋକ । ବାତାୟନ ପାର୍ଶ୍ୱରୁ ଫେରିପଡ଼ ଚେୟାର ଉପରେ ପୁଣି ବସିଲା । ଟେବୁଲ ଉପରେ ପଡ଼ିଥିବା ଗୁରମିନାର ପେକେଟ ଗୁଡ଼ିକ ଖାଲିହୋଇ ଯାଇଛି । ପୁଣି କଲମ ଧରିଲା । ନା, ନା, ଅସମ୍ଭବ, ସେ ଅକ୍ଷମ, ସେ ଜଡ଼, ସେ ଶକ୍ତିହୀନ···ଆଖିପତା ଆର୍ଦ୍ର ହୋଇ ଆସିଲା । ଉନ୍ମାଦ ପରି ପର

Digitized by srujanika@gmail.com

ମୁହୂର୍ତ୍ତରେ କୋଠରୀର ଚାରିପାର୍ଶ୍ୱରେ ପଦଚାରଣା କରୁ କରୁ ଦୃଷ୍ଟି ପଡ଼ିଲା ପୂର୍ବାକାଶ ଅଡ଼େ—

ଆକାଶ କକ୍ଷରେ ପ୍ରଭାତୀ ତାରା ଦୀପ୍ତ ହୋଇ ଉଠିଛି···

ଆଉ ଟିକଏ ପରେ ଅନ୍ଧକାର ଚକ୍ରବାଳାର ସେପାରିରେ ହଜିଯିବ । ତାପରେ···ତାପରେ ବସ୍ତୁ ଓହ୍ଲାଇ ପ୍ରକାଶକ ମହାଶୟ ସିଧା ଚାଲିଆସିବେ ତାର ବସାକୁ । ପୁଣ୍ୟଶ୍ଳୋକର ସର୍ବାଙ୍ଗରେ ଘର୍ମ···ଏକ ଦଗରେ ସ୍ତୂପୀକୃତ ଟୁକୁରା କାଗଜ, ଅନ୍ୟ ଦଗରେ ପ୍ରଭାତୀ ତାରା ଅଡ଼କୁ ବାରମ୍ବାର ଅନାଇ ହଠାତ୍ ଝରକାପର କକ୍ଷରୁ ନିଷ୍କ୍ରାନ୍ତ ହେଲା ସେ । ପେଟ୍ରୋଳ ରାବ ରାବ ଠିକ ସେତେବେଳକୁ ଉଡ଼ିଗଲା······

ଅନ୍ୱେଷଣ

ଶୋଇବାକୁ ବାରମ୍ବାର ଚେଷ୍ଟାକରି ସୁଦ୍ଧା କୁମାରଙ୍କା ଶୋଇ ପାରିଲାନି । ମନର କପୋତ ସ୍ମୃତିର ଅତଳ ଗହ୍ୱରରେ ଛଟପଟ ହେଉଥିଲା । ଅଦୂରରେ ଶାୟିତା ଦାସୀ ମଲ୍ଲିକାର ନାସିକା ଗର୍ଜନ ତୀବ୍ର ହୋଇ ଉଠୁଥାଏ । ବାତାୟନ ବିହୀନ କ୍ଷୁଦ୍ର କୋଠରୀଟିର ଗୋଟିଏ କୋଣରେ ଥିବା ଅପରିଚ୍ଛନ୍ନ ଲଣ୍ଠନର ମ୍ଳାନ ଆଲୋକ ଅନ୍ଧକାର ଭିତରେ ହଜିଯିବାକୁ ଆଉ ବିଳମ୍ବ ନାହିଁ । କ୍ଷୁଦ୍ର ଘରଟିର ମଝିରେ ବାଉଁଶ ପୋତି ମାଟିଲିପାଯାଇ ଯେଉଁ କାନ୍ଥଟି ନିର୍ମିତ ହୋଇଛି ମଝିରେ ମଝିରେ ସେଥିରୁ ବୃକ୍ଷର ଶୁଷ୍କ ପତ୍ର ଝଡ଼ି ପଡ଼ିବା ପରି ଶୁଖିଲା ମାଟି ଝଡ଼ି ପଡ଼ୁଛି । ସେ ପାଖ କୋଠରୀରୁ ମଝିରେ ମଝିରେ ସୁପ୍ତ ନାଉରୀର ଖଣ୍ଟିକାଶ ଏ ପାଖକୁ ବେଶ୍ ଶୁଣା ଯାଉଛି । କୁମାରଙ୍କାର ସେଥିପ୍ରତି ଆଦୌ ଦୃଷ୍ଟି ନଥିଲା । ସେ ଭାବୁଥିଲା··· କେବଳ ନିଜକୁ କେନ୍ଦ୍ର କରି ଭାବୁଥିଲା···

ଏ ଭିତରେ ବହୁଦିନ ଗଡ଼ିଯାଇଛି । ତଥାପି ଭାବିଲା ବେଳକୁ ଏଇ କାଲିପରି ମନେ ହୁଏ । ଆଦର୍ଶର ଅନୁପ୍ରେରଣାରେ ନୁହେଁ, ଜୀବନର କାରୁଣ୍ୟକୁ କାର୍ଯ୍ୟ ବ୍ୟସ୍ତତା ଭିତରେ କହିଁଉ ଭୁଲି ଯିବାପାଇଁ ଅସିଥିଲା ସେ ରାମପୁର ଗ୍ରାମକୁ···ନାଉରୀର ଏହି ଘରଠାରୁ ମାତ୍ର ପାଞ୍ଚ ମାଇଲ ଦୂର······

ଦେଖିବାକୁ ମନ୍ଦ ନୁହେଁ ସେ; କିନ୍ତୁ ବର୍ଣ୍ଣ ତାର ଶ୍ୟାମଳ । ତାହାହିଁ ସତେ ଯେପରି ତା ପ୍ରତି ନିୟତିର କରୁ ପରିହାସ । ବହୁ

Digitized by srujanika@gmail.com

ଚେଷ୍ଟାକରି ସୁଦ୍ଧା ବାପା ଭଲ ପଏଣ୍ଟିଏ ଯୋଗାଡ଼ କରି ପାରିଲେନି । ଘରେ ପ୍ରାପ୍ତ ବୟସ୍କା ଝିଅ ବେଶିଦିନ ରହିଲେ ଆମ ଏ ଓଡ଼ିଶା ମୁଲକରେ ବାପ ମାଙ୍କୁ ପାଞ୍ଚଜଣ ଠାରୁ ଯେପରି ନାନା ପ୍ରକାର ଅସହ୍ୟ କଥା ଶୁଣିବାକୁ ପଡ଼େ, କୁମାରିକାର ପିତା ଅଜିତ ବାବୁ ବା ସେଥିରୁ ରକ୍ଷା ପାଇଥାନ୍ତେ କିପରି ? ···ଆଉ କୁମାରିକା ? ସମବୟସୀ ଝିଅମାନଙ୍କୁ ସେମାନଙ୍କର ସ୍ୱାମୀସହ ହସି ହସି ଯାଉଥିବାର ଦେଖିଲେ ନାରୀ ପ୍ରାଣ ତାର କଳପି ଉଠେ । ବାପାର ବେଦନା, ମା'ର ଅଶ୍ରୁର ଭାଷା ବୁଝିଛି ସେ । ତେଣୁ ସବୁବେଳେ ମୁଖମଣ୍ଡଳର ତାର ଗୋଧୂଳିର ଔଦାସିନ୍ୟ । ନୀରବ ନିଶୀଥରେ ଯେତେବେଳେ ସମସ୍ତଙ୍କର ଆଖିରେ ନିଦ୍ରାର ମାୟା, ସେତେବେଳେ ସେ ମାୟାର ଭିତରେ କୁମାରିକା ଧରାପଡ଼େନା । ଏକାକିନୀ ବସି ସେ ଭାବେ···କେବଳ ଭାବେ···ସମୟ ଗଡ଼ିଚାଲେ । ଆକାଶରେ ପ୍ରଭାତୀ ତାରା ଜଳି ଉଠେ । ବହୁବାର ବାତାୟନ ପାର୍ଶ୍ୱରେ ଛିଡ଼ା ହୋଇ ଆକାଶ ବକ୍ଷରେ ଏଇ ପ୍ରଭାତୀ ତାରାକୁ ସାଶ୍ରୁ ନୟନରେ ଚାହିଁଛି—ବିନିଦ୍ର ହୋଇ ସେ ବହୁ ରଜନୀର ଅବସାନ ଲକ୍ଷ୍ୟ କରିଛି । କିନ୍ତୁ ତା ଜୀବନରେ ଦୁଃଖ ରଜନୀର ଅବସାନ ହୋଇନାହିଁ— ତା ଜୀବନ ଆକାଶରେ ଶୁଭବାର୍ତ୍ତା ନେଇ ପ୍ରଭାତୀ ତାରାର ଉଦୟ ହୋଇନାହିଁ ।

ସେଦିନ···

ଏକ ନିରାନନ୍ଦ ସନ୍ଧ୍ୟାର ଧୂପଛାୟା ଭିତରେ ବହୁ କଷ୍ଟରେ ପିତାଙ୍କଠାରୁ ପାଇଲା ସେ ଅନୁମତି—ହୋମିଓପ୍ୟାଥିକ ପ୍ରେକ୍ଟିସ ପାଇଁ ସେ ଯିବ ଗ୍ରାମାଞ୍ଚଳକୁ । ଭାରାକ୍ରାନ୍ତ ସମୀରଣ ଅଜିତବାବୁଙ୍କର ଦୀର୍ଘ ନିଶ୍ୱାସରେ ଅନ୍ତର ଭାରି ହେଉଥିଲା । ଲହ ଛଳରେ

Digitized by srujanika@gmail.com

କୁମାରିକାର ଆଖି ଦୁଇଟିରୁ ଝରି ପଡୁଥିଲା ଅଦମ୍ୟ ବେଦନାର ଅସରନ୍ତି ଲୁହ ।

କୁମାରିକା ଚାଲିଗଲା । ସାଥିରେ ତାର ଦାସୀ ମଲ୍ଲିକା । ସୁଦୂର ରାମପୁର ଗ୍ରାମ ହେଲା ତାର କର୍ମ ଭୂମି । ସହରରେ ତାର ଜନ୍ମ...ସହରର ପାଣି ପବନରେ ତାର ଜୀବନ ବିକଶିତ । ପଚିଶଟି ବସନ୍ତ କଟି ଯାଇଛି ସେହି ସହରରେ । ତେଣୁ ରାମପୁର ଗ୍ରାମରେ ପ୍ରଥମେ ପ୍ରଥମେ ଜୀବନ ଦୁର୍ବହ ହୋଇ ପଡ଼ିଲା । ମାତ୍ର ସେ ସ୍ୱଳ୍ପକାଳ ପାଇଁ । କେଇଟି ମାସ ଭିତରେ ରାମପୁର ଗ୍ରାମ ପାଇଁ ତା ପ୍ରାଣରେ ଦେଖାଦେଲା ଅଶେଷ ମମତା । ରାମପୁର ଗୋଟିଏ ଖୁବ୍ ବଡ଼ ଗ୍ରାମ...ତଥାପି ଅଳ୍ପଦିନ ଭିତରେ କୁମାରିକା ଘରେ ଘରେ ପରିଚିତ ହୋଇଗଲା । ସବୁରି ମୁହଁରେ ତାର ପ୍ରଶଂସା ।

...

ସେ ଥର ...

ରାମପୁର ଗ୍ରାମରେ ଦେଖାଦେଲା ବସନ୍ତର ପ୍ରକୋପ । ଗ୍ରାମାଞ୍ଚଳରେ ବସନ୍ତ ଥରେ ଦେଖାଦେଲେ ବହୁଦିନ ପର୍ଯ୍ୟନ୍ତ ତାର ଅସ୍ତିତ୍ୱ ରହିଯାଏ । ଗ୍ରାମବାସୀ ଆତଙ୍କିତ ହୁଅନ୍ତି । ଯାହାଘରେ ବସନ୍ତ ହୋଇଥାଏ ତା ଘରକୁ ଅତି ଆପଣାର ନହେଲେ କେହି ଯାଆନ୍ତି ନାହିଁ । 'ଶୀତଳା ମା'ର କୋପହିଁ ବସନ୍ତର ମୂଳକାରଣ—ଏବେବି' ଆମ ଗ୍ରାମଗୁଡ଼ିକରୁ ଏ ଧାରଣା ଲିଭି ଯାଇନି । ରାମପୁର ଗ୍ରାମରେ ଶୀତଳା ଦେବୀଙ୍କର ପୂଜା ହେଲା ...ବଳୀ ପଡ଼ିଲା, ଠାକୁରାଣୀ ରକ୍ତ ପିଇଲେ । ତଥାପି ଶାନ୍ତ ହେଲେ ନାହିଁ । ସ୍ୱପ୍ନରେ ପୂଜାରୀଙ୍କୁ ଆହୁରି ରକ୍ତ ମାଗିବାର ଶୁଣାଗଲା... ପୁଣି ବଳୀ ପଡ଼ିଲା, କିନ୍ତୁ ହାୟ ! ପୋକ ମାଛି ପରି ମଣିଷ ମଲେ । କୁମାରିକା ଆଉ ଧୈର୍ଯ୍ୟ ଧରି ପାରିଲା ନି । ଘରେ ଘରେ ଯାଇ

Digitized by srujanika@gmail.com

ରୋଗୀର ଚିକିତ୍ସା କଲା । ରାତି ଅଧରେ ବାଘ ଉପରେ ବସି ଶୀତଳା ମା ବୁଲୁଥିବାର ଶୁଣି ମଧ୍ୟ ସେ ଭୟ କଲାନି । କିନ୍ତୁ ସେ ବା ଏକା କରିବ କ'ଣ ? ସେବା ଲୋଡ଼ା, ଏ ରୋଗରେ ସେବାହିଁ ଅଧିକ ଲୋଡ଼ା । ଠିକ୍ ଏହି ସମୟରେ ଗାର ଆଶା ଭରସା ତନ୍ମୟ ତାର ସେବା ଦଳକୁ ସଂଗଠିତ୍ କରି ରୋଗୀର ସେବାରେ ଲାଗିଲା... କୁମାରିକାର ଆନନ୍ଦ କହିଲେ ନ ସରେ । ବସନ୍ତର ପ୍ରକୋପ କମି ଆସିଲା କିନ୍ତୁ ନିଜ ଶରୀର ପ୍ରତି ଏତେ ଅବହେଳା ଫଳରେ ଦିନେ କୁମାରିକାର ଦେହରେ ବସନ୍ତ 'ଫୁଟି ଉଠିଲା । ବିଚଳିତ ହୋଇ ପଡ଼ିଲା ସେ ; ମାତ୍ର ତନ୍ମୟର ସେବାଦଳର ସେବା ତାକୁ ଦେଲା ନୂତନ ଜୀବନ ।

କୁମାରିକା ଭାବେ...ବହୁ ସମୟରେ ଭାବେ...ଅଦ୍ଭୁତ ଏହି ତନ୍ମୟ । ସତେ ଯେପରି ସେ ଏକ ବିରାଟ ପ୍ରଶ୍ନବାଚୀ...ତାକୁ ବୁଝି ମଧ୍ୟ ବୁଝି ହୁଏନା, ଜାଣି ମଧ୍ୟ ଜାଣି ହୁଏନା । ସେ ଏକ ଅଭେଦ୍ୟ ରହସ୍ୟ । ରାମପୁର ଗ୍ରାମର ପ୍ରତିଟି ଘର ସତେ ଯେପରି ତାର ନିଜର । ଗ୍ରାମରସୁଖରେ ତାର ସୁଖ ଓ ଦୁଃଖରେ ତାର ଦୁଃଖ । ନିଜକୁ ମିଳାଇ ଦେଇଛି ସେ ଗ୍ରାମର ସାମୁହିକ ଜୀବନ ଭିତରେ... ସାର୍ଥକ ତାର ନାମ । ସମସ୍ତଙ୍କୁ ତନ୍ମୟ କରିଛି ସେ, ତାର ସେବାରେ, କର୍ମରେ ବ୍ୟବହାରରେ ।

ସେ ଦିନ ରାତି......

ଏକାଦଶୀର ଚନ୍ଦ୍ର ଆକାଶରେ ସେତେବେଳେ ଉନ୍ମାଦ... ଚନ୍ଦ୍ରିକା ଚର୍ଚ୍ଚିତ ରାମପୁର ଗ୍ରାମରେ ପ୍ରାକୃତିକ ଶୋଭା କାନ୍ତ କମନୀୟ ହୋଇ ଉଠିଥିଲା । ଆରାମ ଚେୟାରଟିରେ ନିଜର କ୍ଳାନ୍ତ ଦେହକୁ ଛାଡ଼ି ଦେଇ ଆକାଶ ଆଡକୁ ଚାହିଁରହିଥିଲା କୁମାରିକା । ଇମିତି

Digitized by srujanika@gmail.com

କେତେ ଗୃନ୍ଦନ ଘତ ବ୍ୟର୍ଥ ହୋଉଛି···ପ୍ରାଣରେ ତାର ମନ୍ଥର ହାହାକାର··· ହୃଦୟରେ ସୃଷ୍ଟିର ମର୍ମବେଦନା ରୂପ ପରିଗ୍ରହ କରିଥିଲା ।

'କ୍ଷମା କରିବେ···"

ଚମକି ଗୃହିଁଲା କୁମାରିକା । ସମ୍ମୁଖରେ ତନ୍ମୟ । ମେଞ୍ଚା ମେଞ୍ଚା ଜ୍ୟୋସ୍ନା ତାର ସର୍ବାଙ୍ଗରେ ଝଜାଡ଼ି ହୋଇ ପଡ଼ୁଛି । ଅପନୂରେ ମୁଣ୍ଡର କୁଞ୍ଚିତ କେଶରାଶି କପାଳ ଉପରେ ଖେଳ ବୁଲୁଛି । ତଥାପି କି ସୁନ୍ଦର ଦିଶୁଛି ସେ ! କୁମାରିକା ମୁଗ୍ଧ ନୟନରେ କେବଳ ଗୃହିଁ ରହିଲା । ଦାସୀ ମଲ୍ଲୀକା ଚେୟାର୍ ଟିଏ ଆଣି ତନ୍ମୟକୁ ବସିବା ପାଇଁ କହିବାରୁ ପ୍ରକୃତସ୍ଥ ହେଲା କୁମାରିକା । ସୌଜନ୍ୟ ଦୃଷ୍ଟିରୁ ତନ୍ମୟକୁ ବସିବା ପାଇଁ ଅନୁରୋଧ ମଧ୍ୟ କରି ନ ଥିବାରୁ ମନେ ମନେ ଲଜ୍ଜିତ ହେଲା ସେ । କିନ୍ତୁ ସେଥିପ୍ରତି ଭ୍ରୂକ୍ଷେପ ନକରି କହିଲା ତନ୍ମୟ···"ଏଇ ଅସମୟରେ···

"ସେ କଣ୍ଡୁନୁହେଁ । ବସନ୍ତରେ ପୀଡ଼ିତ ଥିବାବେଳେ ଆପଣଙ୍କର ସେବା ମୁଁ ଭୁଲି ପାରିନି । ଆପଣଙ୍କ ପାଇଁ ମୋର ଦ୍ୱାର ସବୁବେଳେ ଖୋଲା । ତା ପରେ ଚିକିତ୍ସକ ନିକଟରେ ସମୟ ଅସମୟର ପ୍ରଶ୍ନ ଉଠୁଛି କେଉଁଠାରୁ ?" କୁମାରିକାରନରମ ଅଧରରେ ପାତଳା ହସର ଝଲକଟିଏ ଚମକି ଉଠିଲା···

' ଚୌକିଦାରର ଜ୍ୱର କମି ନାହିଁ···

"ଆଜି ରାତିଟି ଅପେକ୍ଷା କରିବାକୁ ପଡ଼ିବ । କାଲି ସକାଳେ ପୁଣି ଦେଖି ଆସିଲେ ଅନ୍ୟ ବ୍ୟବସ୍ଥା । ରାତିର ଔଷଧ ଦେଇ ଆସିଛି···

Digitized by srujanika@gmail.com

"ଧନ୍ୟବାଦ । ମୁଁ ତାହେଲେ···

"ନା, ନା, ଅନ୍ତତଃ ଗୁ କପେ ନ ଖାଇଲେ ମୁଁ ଛାଡ଼ୁନି···"

ତନୁଯୁ 'ନାହିଁ' କରି ପାରିଲନି, ରାମପୁର ଗ୍ରାମରେ ବସନ୍ତର ପ୍ରକୋପ ଦିନ ଠାରୁ ତା ଅନ୍ତରରେ କୁମାରିକା ପ୍ରତି କିପରି ଏକ ସ୍ନେହ ଓ ଶ୍ରଦ୍ଧା ଦେଖା ଦେଇଛି । ଦାସୀ ମଲ୍ଲୀକାକୁ ଗୁ ଅଣିବାକୁ କହି ତନୁଯୁ ଆଡ଼କୁ ନିର୍ନିମେଷ ନୟନରେ ଗୁହିଁ ରହିଲ କୁମାରିକା । ବିବେକର ତାଡ଼ନା ସତ୍ତ୍ୱେ ଏ ଦୁର୍ବଳତାକୁ ସେ ଦୂର କରି ପାରୁ ନ ଥିଲା । ହୃଦୟର ଅଭ୍ୟନ୍ତରରୁ ବହୁ ପ୍ରଶ୍ନ ମୁହ ପର୍ଯ୍ୟନ୍ତ ଆସି ସତେ ଯେପରି ଅଟକି ଯାଉଥିଲା କିନ୍ତୁ ନା, ଏସ ନୀରବତାକୁ ସହ୍ୟ କରି ପାରିନି ଆଉ···

"ଆଚ୍ଛା ତନୁଯୁବାବୁ !"

"କହନ୍ତୁ ।"

"ଆପଣ କ'ଣ ବିଶ୍ରାମ ଗୁହାନ୍ତି ନାହିଁ ?"

"ବିଶ୍ରାମ ? ଜୀବନରେ ବିଶ୍ରାମ କାହିଁ ? ସେ ଯେ ମୃତ୍ୟୁର ନାମାନ୍ତର ।

"କ୍ଷମା କରିବେ, ତ୍ୟାଗର ନାମରେ ଆପଣ ନିଜକୁ ଅବହେଳା କରୁ ନାହାନ୍ତି ତ ।"

"ଜମାରୁ ନୁହେଁ—ତ୍ୟାଗର ଭିତରେ ଯେଉଁ ଭୋଗ ରହିଛି ତାକୁ ପାଇବାର ଲୋଭରେ ମୁଁ ଅଧୀର ହୋଇ ଉଠିଛି ।"

"କିନ୍ତୁ କେତେଦିନ ଆପଣ ସମସ୍ତଙ୍କୁ ସନ୍ତୁଷ୍ଟ କରି ପାରିବେ ?"

Digitized by srujanika@gmail.com

"ଯେତେଦିନ ସମସ୍ତଙ୍କୁ ଭଲ ପାଇ ପାରିବ । ସ୍ନେହ ବିତରଣ ନ କଲେ ସ୍ନେହ ମିଳେନା, ଶ୍ରଦ୍ଧା ବିତରଣ ନ କଲେ ଶ୍ରଦ୍ଧା ମିଳିବ କେଉଁଠାରୁ ?"

ତନ୍ମୟର ଆବେଗଭରା କଥାରେ ତାର ପ୍ରାଣର ପରିଚୟ ପାଇ ପାରିଲା କୁମାରିକା । ମୁଗ୍ଧ ପ୍ରାଣରେ ସେ ଚାହିଁ ରହିଥିଲା ତନ୍ମୟ ଆଡକୁ । ଚା' ପାନ ପରେ ତନ୍ମୟ ଚାଲିଗଲା । କିନ୍ତୁ ଯିବା ପୂର୍ବରୁ ତାକୁ ଅନୁରୋଧ କରିଥିଲା କୁମାରିକା-ଅବକାଶ ସମୟରେ ଆସିବା ପାଇଁ । ତନ୍ମୟ ନାହିଁ କରି ପାରିଲାନି । ସେହି ଦିନଠାରୁ ପ୍ରତିଟି ସନ୍ଧ୍ୟାରେ ତନ୍ମୟ ଆସେ । କୁମାରିକା ସତେ ଯେପରି ତାର ଆଗମନକୁ ଚାହିଁ ରହିଥାଏ । ଉଭୟଙ୍କର ପ୍ରତି ଉଭୟଙ୍କର ଅନ୍ତରରେ ସ୍ନେହର ଫଲଗୁ ଝରିଛି ।

ହଠାତ୍ ଦିନେ···

କୁମାରିକା ପିତାଙ୍କ ଠାରୁ ଚିଠି ପାଇଲା । ବର ପାତ୍ର ଯୋଗାଡ଼ ହୋଇଛି । ଝିଅ ଭଲ ପାଏ, ତେଣୁ ତାର ସମସ୍ତ ଦାବୀ ପୂରଣ କରିବାକୁ ରାଜି ହୋଇଛନ୍ତି ସେ । କଥା ଏକ ପ୍ରକାର ପକ୍କା ହୋଇଯାଇଛି । ତେଣୁ ସେ ଯେପରି ଅତିଶୀଘ୍ର ଚାଲିଆସେ । ଶୁଭ ସମ୍ବାଦ ପାଇ ମଲ୍ଲିକାର ଆନନ୍ଦ କହିଲେ ନ ସରେ । ରାମପୁର ଗ୍ରାମକୁ ତାର ମନ ସଙ୍ଗେ ସଙ୍ଗେ ଛୁଟିଗଲାଣି । ଯିବାର ପ୍ରସ୍ତୁତିରେ ସେ ବ୍ୟସ୍ତ ହୋଇ ପଡ଼ିଥିଲା ; କିନ୍ତୁ ଏ କଅଣ ? ଏ ଶୁଭ ସମ୍ବାଦ ଗୋପନ କରି ରଖିବା ପାଇଁ କୁମାରିକା ଅଧୀର କାହିଁକି ???

କୁମାରିକାର ମନରେ ଦ୍ୱନ୍ଦ୍ୱ···ସତେ ଯେପରି ସେ ଅବଶ ହୋଇ ପଡ଼ୁଛି । ଯେଉଁ ଦିନଟିର ପ୍ରତୀକ୍ଷାରେ ସେ ଗତ ଗତ

Digitized by srujanika@gmail.com

ଵିନିଦ୍ର କଟାଇଛି···କେତେ ଲୁହ ଢ଼ାଳିଛି···ସେଦିନ ଏଇ ତ ନିକଟ ହୋଇ ଆସିଲାଣି···ଦୁଃଖ ରାତିର ଅବସାନ ହେବାକୁ ବିଳମ୍ବ ନାହିଁ । ପ୍ରଭାତୀ ତାରା ଉଇଁଛି···ନୂତନ ପ୍ରଭାତର ଆଗମନର ବାର୍ତ୍ତା ଆଣିଛି ସେ । ବିପୁଳ ଆନନ୍ଦରେ ସେ ପ୍ରଭାତକୁ ଅଭିନନ୍ଦନ ଜଣାଇବା ପାଇଁ । ତାକୁ ପ୍ରସ୍ତୁତ ହେବାକୁ ପଡ଼ିବ । କିନ୍ତୁ ସେ ଆବେଗ କାହିଁ ? ଉଚ୍ଛ୍ୱାସ କାହିଁ ? ଉନ୍ମାଦନା କାହିଁ ?

"ଏ [କିଅଣ ରାମପୁର ଗ୍ରାମରୁ କେମ୍ପ ଉଠିବା ପରି ଜଣା ପଡ଼ୁଛି ଯେ···

ଫେର ଚାହିଁ ଚମକି ଉଠିଲା କୁମାରିକା । ଛିଡ଼ା ହୋଇଛି ତନ୍ମୟ । ଆଖିରେ ତା'ର ପ୍ରଶ୍ନବାଚୀ, ଉତ୍କଣ୍ଠା ଓ ବିସ୍ମୟ । କୁମାରିକା ନୀରବ···ଚକ୍ଷୁଦ୍ୱୟ ଆନତ···

"କଣ ହେଲା କି ?"

"ମୋ'ର ଶରୀର ଅସୁସ୍ଥ···"

ନିଜର କଥାରେ ନିଜେ ଚମକି ଉଠିଲା କୁମାରିକା । ଏତେ ବଡ଼ ମିଥ୍ୟା ସେ କହି ପାରିଲା ? ତନ୍ମୟ ତାକୁ ସାନ୍ତ୍ୱନା ଦେଇ କିନ୍ତ ପରେ ସଜାଡ଼ିବାରେ ମନ୍ଦିକାକୁ ସାହାଯ୍ୟ କଲା । ଆଜ ଏହି ନଦୀ ପର୍ଯ୍ୟନ୍ତ ବଳଦ ଗାଡରେ ଆସିଥିଲା ସେ କୁମାରିକା ସହିତ । ରାସ୍ତାରେ ସମସ୍ତେ ନୀରବ । କେବଳ ତନ୍ମୟ ଗୋଟିଏ ପ୍ରଶ୍ନ କରିଥିଲା···

"କେବେ ଫେରିବେ ?"

"ମାସକ ଭିତରେ···"

Digitized by srujanika@gmail.com

କୁମାରିକା ସତେ ଯେପରି ନିଜର କଥାକୁ ନିଜେ ସହ୍ୟ କରି ପାରୁନଥିଲା । ସେ ବୁଝିପାରୁ ନଥିଲା ସତକଥା ପଦକ କହିବା ପାଇଁ କାହିଁକି ତାର ସାହାସ ହେଉନି । ନାଆ ଉପରେ କୁମାରିକା ଉଠିଲା । ତନ୍ମୟ ଚାହିଁଲା ତା ଆଡ଼କୁ···ଜୀବନରେ ଏଇ ପ୍ରଥମ ପ୍ରାପ୍ତ ବୟସ୍କା ଯୁବତୀ ଆଡ଼କୁ ନିର୍ନିମେଷ ନୟନରେ ଚାହିଁଛି ସେ । ସେ ଚାହାଣୀରେ କେଜାଣି କି ଭାଷା ଥିଲା କୁମାରିକା ଆଉ ତନ୍ମୟ ଆଡ଼କୁ ଚାହିଁ ପାରିଲାନି । ନାଆ ଚାଲିଲା···କୁମାରିକାର ଆଖିରୁ ଝରି ପଡ଼ିଲା ବିନ୍ଦୁ ବିନ୍ଦୁ ଲୁହ···

ବିବାହ ହେଲା···

ମଧୁରାତ ଆସିଲା । ଜୀବନରେ ଏଇ ଗୋଟିଏ ଦିନର ଆନନ୍ଦ ଭାଷାରେ ଫୁଟାଇ ହୁଏନା । ତାର ସ୍ୱାମୀ ନରେନ୍ଦ୍ର ବାବୁ ଧୀରେ ଧୀରେ ତା ଆଡ଼କୁ ଆଗେଇ ଆସିଲେ । ଅଗୁରୁ ଚନ୍ଦନରେ କକ୍ଷ ସୁବାସିତ । କୁଳଦୀପ ଜଳୁଛି···ଆଶା ଓ ଆକାଂକ୍ଷାର ଦୀପ···

କୁମାରିକାର ଓଢ଼ଣାଟି ଟେକି ଦେଇ ଚମକି ଉଠିଲେ ନରେନ୍ଦ୍ର ବାବୁ । ଏତେ ଶ୍ୟାମଳ ! ! ପୁଣି ତା ଉପରେ ବସନ୍ତର ଅଗଣିତ ଅଳିଭା ଦାଗ ! ! ହାତ ତାଙ୍କର ଥରି ଉଠିଲା ! ଧୀରେ ଧୀରେ କକ୍ଷରୁ ନିଷ୍କ୍ରାନ୍ତ ହେଲେ ସେ । କମ୍ପିତ ହୃଦୟରେ ଅଧୀର ମନରେ ଦ୍ୱାର ନିକଟକୁ ଆସିଲା କୁମାରିକା କିନ୍ତୁ କିଛି ଦେଖା ଯାଉ ନଥିଲା, ଅନ୍ଧକାର ଭିତରେ ନରେନ୍ଦ୍ର ବାବୁ ସତେ ଯେପରି ହଜି ଯାଇଥିଲେ ।

କୁମାରିକାର ଜୀବନାକାଶରେ ପ୍ରଭାତ ତାରା ଉଇଁଥିଲା··· ପ୍ରଭାତ ଆଗମନର ବାର୍ତ୍ତା ପ୍ରଚାରିତ ହୋଇଥିଲା । କିନ୍ତୁ ପ୍ରଭାତ

Digitized by srujanika@gmail.com

ସୂର୍ଯ୍ୟର କନକ କିରଣ ସେ ପାଇ ପାରିଲାନି···ଆଲୋକ ପରିବର୍ତ୍ତେ ଜୀବନାକାଶରେ ଛାଇ ଦେଖାଦେଲା ଦୁର୍ଭାଗ୍ୟର ମେଘମାଳା··· ପିଠିର ବେଦନା ହ୍ରାସ ପାଇଲାନି, ମା'ର ଆଖିର ଲୁହ ଲିଭିଲାନି, ନରେନ୍ଦ୍ର ଆଉ ଫେରି ଆସିଲାନି । ଦୁଇଟି ବର୍ଷପରେ ଶୁଣାଗଲା ସେ ବମ୍ବେରେ କାମ କରୁଛି ଆଉ ବିବାହ କରିଛି ଦ୍ୱିତୀୟବାର ··

ଆଖିର ଲୁହକୁ ସମ୍ଭାଳି କରି ଅଭିଶପ୍ତା କୁମାରିକା ଫେରି ଆସିଛି ·· ସେ ସ୍ଥିର କରିଛି ସେହି ରାମପୁର ଗ୍ରାମରେହିଁ ଜୀବନର ଅବଶିଷ୍ଟ ଦିନଗୁଡ଼ିକ କଟାଇଦେବ··'ବ୍ୟର୍ଥ ବ୍ୟସ୍ତତା ଭିତରେ ଜୀବନର ଦୁଃସ୍ୱପ୍ନ ସମ କେତୋଟି ବିଷୟ ଭୁଲିଯିବ; କିନ୍ତୁ ଭୀଷଣ ବର୍ଷା'···ଏଇ ବର୍ଷା ରାତିରେ ବଳଦଗାଡ଼ି ପାଇ ପାରିନି ସେ, ସକାଳ ପର୍ଯ୍ୟନ୍ତ ତେଣୁ ଆଶ୍ରୟ ନେଇଛି ନାଉରୀର ଘରେ ।

ଅତୀତ ଅଶ୍ରୁ ଆଖି ଫେରାଇ ଆଣିଲା କୁମାରିକା । ଧୀରେ ଧୀରେ କୋଠରୀର ବାହାରକୁ ଆସିଲା···କୋଠରୀ ଭିତରେ ତୀବ୍ର ଅନ୍ଧକାର, ଲଣ୍ଠନର ଆଲୁଅ କେତେବେଳୁ ଲିଭି ଗଲଣି ।

ଶ୍ରାବଣ ପୂର୍ଣ୍ଣିମୀର ଚନ୍ଦ୍ର ପଶ୍ଚିମ ଦିଗକୁ ଢଳି ପଡ଼ୁଛି । ବର୍ଷଣ କ୍ଲାନ୍ତ ମେଘମାଳା ଛିନ୍ନଭିନ୍ନ ହୋଇଗଲେଣି । ଶୁଭ୍ର ବାଲୁକା ପ୍ରାନ୍ତର ଚନ୍ଦ୍ରିକା ଚର୍ଚ୍ଚିତ ହୋଇ କି ସୁନ୍ଦର ଦିଶୁଛି ସତେ ! ନିକଟସ୍ଥ ନଈ ଢେଉ ସ୍ପଷ୍ଟ ଦେଖା ଯାଉଛି ।

"ସକାଳ ହେବାକୁ ବିଳମ୍ବ ଅଛି ମା··· ।"

ଫେରିଚାହିଁଲା କୁମାରିକା । ନାଉରୀ ଝିଅଟି ଠାଣି ଠାଣି ତା ପାଖରେ ଛିଡ଼ା ହୋଇଛି । ଏତେ ଶୀଘ୍ର ନିଦ ଭାଙ୍ଗି ଗଲା ତାର ?

Digitized by srujanika@gmail.com

"ରାତିରେ ଏଠାରେ ବୁଲିବନି ମା ?"

"କାହିଁକି ? କି ସୁନ୍ଦର ଦିଶୁଛି ନଈକୂଳଟି । ବୁଲିବାର ଲୋଭ ସମ୍ବରଣ କରିପାରୁନି ।"

"ନା, ମା, ଯେତେହେଲେ ପିଲାଲୋକ ତୁମେ। ଏ ଅଞ୍ଚଳରେ ବୋଧହୁଏ ତୁମେ ନୂଆ । ନ ହେଲେ ·· ।

"କଥା କ'ଣ ନାଉରି ?"

"ଆଜକୁ ପ୍ରାୟ ଦୁଇବର୍ଷ ହେବ ମା । ଏଇପରି ବର୍ଷାଦିନ ନଦୀ ବଢ଼ିଥାଏ । ପ୍ରତିଦିନ ଗୋଟିଏ ଯୁବକ ସନ୍ଧ୍ୟା ସମୟରେ ନଈକୂଳକୁ ସାଇକେଲରେ ଆସେ । ନାଆରେ ଏ ପାରକୁ ଆସିବା ଲୋକମାନଙ୍କୁ ଚାହେଁ । ତାପରେ ଦୀର୍ଘନିଶ୍ୱାସ ଛାଡ଼ି ପୁଣି ଚାଲିଥାଏ— ପ୍ରତିଦିନ ଆସିବା ଫଳରେ ତା ସହ ମୋର ପରିଚୟ ହୋଇଗଲା । କିନ୍ତୁ ବିଶେଷ କିଛି ଜାଣି ପାରିଲିନି, ତେବେ ଏତିକି ଜାଣିଲି ସେ ଯେପରି ପ୍ରତି ସନ୍ଧ୍ୟାରେ କାହାର ଆସିବାକୁ ଅପେକ୍ଷା କରିଥାଏ ।···

ଖୁବ୍ ଜୋରରେ ପିକା ଟାଣି ନାଉରି ପୁଣି ଆରମ୍ଭ କଲା— "ଦିନେ ସେ ଅସୁସ୍ଥ ଥିଲା । ସେଦିନ ଭୀଷଣ ବର୍ଷା । ତଥାପି ଆସିଥିଲା ସେ । ଅସୁସ୍ଥ ଥିବାରୁ ବର୍ଷାରେ ନ ଭିଜି ମୋ ବସାରେ ରହିବାକୁ କହିଲି । ସେଦିନ ଭୀଷଣ ଝଡ଼ । ସେ ମୋ କଥା ମାନି ଶୋଇଲା । ହଠାତ୍ ମଝି ରାତିରେ ଉଠି ପଡ଼ି କହିଲା··· ।

"ନାଉରି, ଉଠ, ଉଠ, ଏଇ ସେ ଡାକୁଛି—ନାଆ ନେଇଚାଲ ।"

ଏତେ ରାତିରେ କେହି ଆସନ୍ତି ନାହିଁ ମୁଁ ତାକୁ ଶୋଇବାକୁ କହିଲି । ସେ ଶୋଇଲା । ପାହାନ୍ତିଆ ବେଳକୁ ମୋର ନିଦ ଭାଙ୍ଗି ଗଲା

Digitized by srujanika@gmail.com

ଦେଖିଲ ସେ ନାହିଁ । ନଈକୂଳକୁ ଆସି ଦେଖେ ମୋର ନାଆ ବି ନାହିଁ । ବହୁତ ଲୋକ ତାକୁ ଖୋଜିଲେ, ହେଲେ କେହି ତାକୁ ପାଇଲେ ନାହିଁ । ଆଉ କେଜାଣି କାହିଁକି ଏଇ ନଦୀ ଆଡ଼କୁ ରାତିରେ ଗୃହ୍ଲ ଲେ ମୋର ମନେହୁଏ ଅଧୀର ଭାବରେ ନାଆରେ ବସି ସେ ବି ଯେପରି କାହାକୁ ଖୋଜୁଛି । ନଈକୂଳ ଗାଁର ବହୁଲୋକ ମଧ୍ୟ ଗଭୀର ରାତିରେ ଏଇ ନଈରେ କିଏ ଜଣେ ନାଆ ବାହୁଥିବାର ଲକ୍ଷ୍ୟ କରିଛନ୍ତି ।

"ସେ ଯୁବକ କିଏ ନାଉରୀ ?"

"ଗୋଟିଏ ରତ୍ନମା, ରାମପୁର ଗ୍ରାମର ଗୋଟିଏ ରତ୍ନ ସେ । ନା' ତାର ତନ୍ମୟ — "

ପିକା ଠାଣି ଠାଣି ନାଜ କୋଠରୀ ଭିତରକୁ ପଶିଗଲା ନାଉରୀ । କାନୁରେ ଅଜଜା ନିଜକୁ ପଡ଼ିଯିବା ଅବସ୍ଥାରୁ ରକ୍ଷା କରିବା ପାଇଁ କୁମାରିକାର ପ୍ରୟାସ ବ୍ୟର୍ଥ ହେଲା ।

(୧୯୬୦ ଶାରଦୀୟା ସଂଖ୍ୟା 'ସମାବେଶ'ରେ ପ୍ରକାଶିତ)

Digitized by srujanika@gmail.com

ଭୀଟ

ଅସହ୍ୟ ଶୈତ୍ୟ-ପ୍ରପୀଡ଼ିତ ନିସ୍ତବ୍ଧମୟ ରଜନୀ ଗମ୍ଭୀରତର ହେଉଥିଲା···

ସାମାନ୍ୟ ଖଣ୍ଡିଏ ଗୁଦଡ଼ର ଯେତେ ଉପକାର କରି ପାରିଥାନ୍ତା ଅତି ମୂଲ୍ୟବାନ ଲାଇଲୋନ୍ ହାଓ୍ୟାଇନ୍ ତାହା କରି-ପାରିନି । ବାଉଳା ପବନର ନିର୍ମମ ଉପହାସରେ ସର୍ବାଙ୍ଗ ମୋର ସଙ୍କୁଚିତ । ଛିଡ଼ାହେବା ପାଇଁ ଅନିଚ୍ଛୁକ ପାଦ ଦୁଇଟି ବାରମ୍ବାର ବେଦନା ଓ ବିରକ୍ତି ପ୍ରକାଶ କରୁଥିଲେ ! ତଥାପି କ'ଣ ବା ମୁଁ କରି ପାରିଥାନ୍ତି ? ଟିକଟ ଉଇନ୍‌ଡୋ' ପାଖରେ କାନ୍ଥକୁ ଲାଗି ଛିଡ଼ା ହୋଇଥିଲି । ଅସହାୟ ଭାବରେ ମୋର ଆତୁର ଦୃଷ୍ଟି ବାରମ୍ବାର ଏଣେତେଣେ ଘୁରି ବୁଲୁଥିଲା ଅକାରଣରେ ।

ଝାରସୁଗୁଡ଼ା ଷ୍ଟେସନର ତୃତୀୟଶ୍ରେଣୀ ବିଶ୍ରାମାଗାର···

ପକେଟମାରୁ ଓ ସଂକ୍ରାମକ ରୋଗୀମାନଙ୍କର ଅସ୍ୱୀକୃତ ପାନ୍ଥଶାଳା । ବସିବା ପାଇଁ ଟିକିଏ ସୁଦ୍ଧା ସ୍ଥାନ ଖାଲି ନ ଥିଲା । ବିଶ୍ରାମାଗାରର ଗୋଟିଏ ପାର୍ଶ୍ୱରେ କେତେକ କୁଷ୍ଠରୋଗୀ ଅପରିଚ୍ଛନ୍ନ ଛିନ୍ନ ପୋଷାକରେ ନିଜର ଦୈହିକ ବିକୃତିକୁ ଲୁଚାଇବା ପାଇଁ ବ୍ୟର୍ଥ ପ୍ରୟାସ କରୁଥିଲେ । ଅନ୍ୟ ପାର୍ଶ୍ୱରେ ଥିବା ସିମେଣ୍ଟ ବେଞ୍ଚ ଉପରେ ଗୈରିକ ପୋଷାକ ପରିହିତ ଦଳେ ଲୋକଙ୍କର ଚିଲମରୁ ନିଆଁ ବାରମ୍ବାର ଜଳି ଉଠୁଥିଲା । ପାଖରେ କମଣ୍ଡଳୁ ଥିଲେ ହେଁ

Digitized by srujanika@gmail.com

ସେମାନଙ୍କୁ ଦେଖିଲେ ଉପନ୍ୟାସ ପୁସ୍ତକର ପ୍ରଚ୍ଛଦ-ପଟରେ ଅଙ୍କିତ ବହୁ ଭୟଙ୍କର ଛବି କେଜାଣି କାହିଁକି ମାନସଚକ୍ଷୁରେ ମୋର ବାରମ୍ବାର ନାଚ ଉଠୁଥିଲା ।

ଟିକିଏ ଦୂରରେ ଅନ୍ୟ ଏକ ସିମେଣ୍ଟ ବେଞ୍ଚ ଉପରେ ଯେଉଁ ପ୍ରୌଢ଼ ବ୍ୟକ୍ତି ଜଣକ ଆରାମରେ ଶୋଇ ପଡ଼ିଥିଲେ ହଠାତ୍ ଉଠି-ବସିଲେ ସିଏ । ସେହି ସୁଯୋଗର ସଦ୍‌ବ୍ୟବହାର କରିବା ପାଇଁ ମୁଁ ଚଞ୍ଚଳ ହୋଇ ଉଠିଲି । ଅନୁନୟ ଭାବରେ ତାଙ୍କ ପାଖରେ ବସି ପଡ଼ିଲି ମୁଁ । ମୋ' ଆଡ଼କୁ ଥରେ ଚାହିଁ ପୁଣି ଦୃଷ୍ଟି ଫେରାଇ ନେଲେ ସେ । ଭଦ୍ରବ୍ୟକ୍ତିଙ୍କୁ ଏତେ ରାତିରେ ବି' ଭୋକ ଲାଗୁଥିଲା ବୋଧହୁଏ । ବ୍ୟାଗ୍ ଭିତରୁ କମଳାଟିଏ ବାହାର କଲେ । ଠିକ୍ ତାଙ୍କର ଆଡ଼କୁ କ୍ଷୁଧିତ ଚାହାଣୀରେ ଅନାଇ ରହିଥିବା ଜଣେ ବିଗତ-ଯୌବନା ନାରୀ ପ୍ରତି ମୋ ଦୃଷ୍ଟି ଆକର୍ଷିତ ହେଲା । ସର୍ବାଙ୍ଗରେ ତାର ଦୈନ୍ୟ ଓ ରିକ୍ତତାର ଅଭ୍ରାନ୍ତ ସ୍ୱାକ୍ଷର । ଭାବ-ଭଙ୍ଗୀରୁ ଜଣା ପଡ଼ୁଥିଲା ! ସତେ ଯେପରି କେତେ କ'ଣ କହିବାକୁ ଯାଇ କିଛି କହିପାରୁନି ସେ । ମାତ୍ର ସେ ଭାବ କ୍ଷଣିକ ପାଇଁ । ଚୁରିଆଡକୁ ଭୀତ-ବିହ୍ୱଳ ଦୃଷ୍ଟିରେ ଅନାଇ ଥରିଲା କଣ୍ଠରେ ଭଦ୍ର-ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ କହିଲା ସେ···

"ବାବୁ"

"କ'ଣ ?"

"ସକାଳରୁ କିଛି ଖାଇନି ବାବୁ···

ଭଦ୍ରବ୍ୟକ୍ତି ସେତେବେଳକୁ କମଳାର ଅର୍ଦ୍ଧାଂଶ ଉଦରସ୍ଥ କରି ସାରିଥିଲେ । ବାକି ଅର୍ଦ୍ଧେକ ତା ଆଡ଼କୁ ବଢ଼ାଇ ଦେଇ କହିଲେ —

Digitized by srujanika@gmail.com

"ନେ…"

"ଉଠି ପାରୁନି ବାବୁ…ପକାଇ ଦିଅ…ଧରମ ହେବ ! ଆଜକୁ ବହୁତ ଦିନ ହେଲା ଜ୍ୱର ହୋଇଛି…"

ଭଦ୍ରବ୍ୟକ୍ତି କିଛିକ୍ଷଣ ତା ଆଡ଼କୁ ଚାହିଁଲେ…ସେହି ନିଃସ୍ୱ ରୋଗାକ୍ରାନ୍ତ ନାରୀର କାରୁଣ୍ୟ ତାଙ୍କ ହୃଦୟକୁ ଦୟାର୍ଦ୍ର କଲା ବୋଧହୁଏ । ବ୍ୟାଗ୍ ଭିତରୁ ଆଉ ଗୋଟିଏ କମଳା କାଢ଼ି ତା' ପାଖରେ ରଖିଦେଲେ । ଖାଇଲାବେଳେ ବାରମ୍ବାର ସ୍ତ୍ରୀ ଲୋକଟି ଏଣେ ତେଣେ ଚାହୁଁଥିଲା…

"ଏତେ ଦୁଃଖରେ ବି ମରିବାକୁ ଇଚ୍ଛା ହେଉନି ବାବୁ ! ମରିବା କଥା ଭାବିଲେ ବଡ଼ ଡର ଲାଗୁଛି ମୋତେ…"

ସିଗାରେଟ୍‌ରେ ଅଗ୍ନି ସଂଯୋଗ କରିବାକୁ ଯାଇ ହଠାତ୍ ମୁଁ ଅଟକି ଗଲି । ଭଦ୍ରବ୍ୟକ୍ତି ପ୍ରଶ୍ନ କଲେ…

"ତୋର ଘର କେଉଁଠି ?"

"ଘର ?" ସେ ହସିଲା । କିନ୍ତୁ ତାକୁ ଠିକ୍ ହସ ବୋଲି ମୁଁ କହିପାରିବିନି । ହାସ୍ୟର ଭିତରେ କି ଏତେ କାରୁଣ୍ୟ ସମ୍ଭବ ??? ଟିକିଏ ରହି ପୁଣି କହିଲା ସେ…

"ସବୁ ଥିଲା, ଧନେ ମୋର ସବୁ ଥିଲା ବାବୁ ! କିନ୍ତୁ ସେ-ସବୁ ସପନ…

"ଶୋଇପଡ଼, ଜ୍ୱର ଅସିଛି ପରା ? କାନ୍ଦିଲେ କ'ଣ ହେବ । ସୁଖ ଦୁଃଖ ଗଛର ଛାଇ…

"ଆଉ ସୁଖ ଆସିବ କେଉଁଠାରୁ ବାବୁ । ସବୁ ପୋଡ଼ି ଯାଇଛି…" ଶ୍ରୀହୀନ ଚିବୁକ ଉପରେ ତାର ବିନ୍ଦୁ ବିନ୍ଦୁ ଲୁହ ଝରି-

Digitized by srujanika@gmail.com

ପଡ଼ୁଥିଲା । ଇଚ୍ଛା ହେଉଥିଲା ଟିକଏ ଅଶ୍ୱାସନା ଦେବାକୁ; କିନ୍ତୁ ଭାବପ୍ରବଣତାକୁ ମୋର ଗୁପି ରଖିଲି । ସେ କାନ୍ଦୁ । କାନ୍ଦିବାର ତାର ଦରକାର । ଲୁହର ଭିତରେ ଭସି ଯାଉ ତାର କଷ୍ଟିତ ବେଦନା । ଆଖି ଫେରାଇଲି—ବାବାଜୀମାନଙ୍କର ଚିଲମର ନିଆଁ ଠିକ୍ ସେହିପରି ଜଳି ଉଠୁଥିଲା । ପ୍ଲାଟଫରମରେ ଜନଗହଳି କମି କମି ଆସୁଥିଲା । ସିଗାରେଟରେ ଅଗ୍ନି ସଂଯୋଗ କରି ଦୀର୍ଘ ଚୁମ୍ବନଟିଏ ଦେଲି··· ସ୍ତ୍ରୀ ଲୋକଟି ପୁଣି କହିବାକୁ ଆରମ୍ଭ କଲା—

"ସିଂଭୂଇଁର ହାତୀମଡ଼ା ଗାଁରେ ମୋର ଘର । ଆମେ ଜାତିରେ କୋହ୍ଲି । ହେଲେ ଆମ ଠାରୁ ଛଡ଼ା ଓଡ଼ିଆ ବି ଆମେ ବୁଝୁଁ, କହୁ । ଘରୁ ଗୋଡ଼ କାଢ଼ିଲେ ଓଡ଼ିଆରେ ହିଁ ଆମେ କଥାହେଉ । ଜାତିରେ କୋହ୍ଲି ହେଲେ . ବି ମୋ ବାପର ନିଜ ଜମି ପାଞ୍ଚ ଏକର ଥିଲା । ତା' ବାଦ୍ ଠିକା ନେଇ ବା ବହୁତ ଜମି ଚାଷ କରୁଥିଲା । ଛଅ ଭଉଣୀ, ବା' ଓ ମା ମିଶି ଜମିରୁ ଢେର ଫସଲ ଆଦାୟ କରୁଥିଲୁ । ଆମର ବୟସ ଗଡ଼ି ଗଡ଼ି ଗଲା···" ସ୍ତ୍ରୀ ଲୋକଟି ଅଟକିଗଲା । ଲାଜ ଲାଗିଲା ବୋଧହୁଏ ।

ଏଇ ଅବସ୍ଥାରେ ବି ମଣିଷକୁ ଲାଜମାଡ଼େ ? ଲଜ୍ଜାକୁ ନାରୀର ଭୂଷଣ ବୋଲି ସେଥିପାଇଁ ବୋଧହୁଏ କୁହାଯାଏ । ଟିକଏ ରହି କହିଲା ସେ ···

"ଆମ ଗାଁରେ ଶୁକୁରା ବୋଲି ଜଣେ ଲୋକ ଥିଲା । ପିଲାବେଳୁ ସେ ମୋର ସାଙ୍ଗ । ସେ ମୋତେ ବହୁତ ଗେହ୍ଲା କରୁଥିଲା । ମହୁଲି ଦିନରେ ବହୁତ ରାତିରୁ ସେ ମହୁଲି ବଣକୁ ଯାଏ । ଟିକଏ ଟିକଏ ରାତି ଥାଏ—ମୁଁ ଯେତେବେଳେ ମହୁଲି ଗୋଟେଇବାକୁ ଯାଏ,

Digitized by srujanika@gmail.com

ସେତେବେଳକୁ ତାର ଦୁଇଟି ଟୋକେଇ ଭର୍ତ୍ତିହୋଇ ଯାଇଥାଏ । ମୋତେ ମହୁଲ ଗୋଟେଇବାକୁ ଦଏନି । ଆମେ ଭଲମନ୍ଦ ନାନା-କଥା ହେଉ । କେଵ୍ଟ ଅସୁଥିବାର ଜାଣି ପାରିଲେ ତାର ଗୋଟିଏ ଟୋକେଇ ମହୁଲ ମୋ ଟୋକେଇରେ ଢ଼ାଳି ଦେଇ କେଉଁଆଡ଼େ ପଳାଇଯାଏ । ପରେ ପରେ ଅନ୍ୟ ଝିଅମାନେ ମହୁଲ ଗୋଟେଇବାକୁ ଅସିଯାଆନ୍ତି । ସେମାନଙ୍କ ସହିତ ଯେତେବେଳେ ଘରକୁ ଫେରେ ସେତେବେଳେ ଅନ୍ଧାର ଅଉ ନ ଥାଏ । ଘରୁ ଛେଳି ଚରେଇବା ପାଇଁ ସେହି ରାସ୍ତାରେ ଶୁକୁରା ଅସୁଥାଏ ବଣି-ଆଡ଼କୁ । ସୂରୁଯ ଦେବତା ମୁଣ୍ଡ ଉପରକୁ ଉଠିଲେ ଭାତନେଇ ମୁଁ ବଣକୁ ଯାଏ । ସେତେବେଳେ ପୁଣି ତା' ସହିତ ଦେଖାହୁଏ । ଧରମ ଦେବତା ମା କୋଳକୁ ଗଲାବେଳେ ମୁଁ ମାଠିଆ ଧରି ପାଣି ଅଣିବାକୁ ଯାଏ । ସେତେବେଳେ ବଇଁଶୀ ବଜାଇ ଗୋରୁ ଛେଳି ନେଇ ସେ ଫେରୁଥାଏ । ସେତିକିବେଳେ ତା' ସହିତ ପୁଣି ଭଲ-ମନ୍ଦ ଏଣୁ ତେଣୁ ଦ'ପଦ କଥା ହେଉ..."

ସ୍ତ୍ରୀ ଲୋକଟି କାନ୍ଦି ଉଠିଲା...ବକଟ ଶବ୍ଦର ଭରି ଠିକ୍ ସେହି ସମୟରେ ମାଲଗାଡ଼ିଟିଏ ପ୍ଲାଟଫର୍ମର ଲୁହା ଧାରଣା ଉପରେ ଚଞ୍ଚଳ ହୋଇ ଉଠିଲା...ସ୍ତ୍ରୀ ଲୋକଟି ବହୁତ ସମୟ ଧରି କାନ୍ଦି-କାନ୍ଦି ହାଲିଆ ହୋଇଗଲା ବୋଧହୁଏ । ଲାବଣ୍ୟହରା ମୁଖମଣ୍ଡଳରେ ତାର ବିନ୍ଦୁ ବିନ୍ଦୁ ଘର୍ମ...ଦେଖିଲେ ମନେ ହେଉଥିଲା । ସତେ ଯେପରି ଏକ ରକ୍ତ ଜୀବନର କାରୁଣ୍ୟ ଫୁଟି ଉଠିଥିବା କୃଷ୍ଣ ଶିଳାର ମୂର୍ତ୍ତିର ମୁଖମଣ୍ଡଳରେ ରାତିର ଶିଶିର ବିନ୍ଦୁବିନ୍ଦୁ ହୋଇ ଝରିପଡ଼ୁଛି । ଉଦ୍‌ବେଗକ୍ଲିଷ୍ଟ ଅନ୍ତରର ନିଆଁ ଲିଭି ଯାଇଥିଲା । ସେଥିରେ ପୁଣି ଅଗ୍ନି ସଂଯୋଗ କଲେ ସେ...ଉକ୍ତ ନାଗରିକ ଗୁଡ଼ିଆଡ଼କୁ ଥରେ ଗୃହ ପୁଣି ଆରମ୍ଭ କଲା ...

Digitized by srujanika@gmail.com

"ବନ୍ଦାଣ ଓ ଆଉ ସବୁ ପରବରେ ଆମ ଗାଁର ଘରେ ଘରେ କୁଣିଆ । ଧନସାଗ୍ର କାମ କରନ୍ତି ନାହିଁ କେହି । ଖାଲି ମଉଜ... ଖାଲି ଖୁସି...ଖାଲି ଗପ । ଘରେ ଘରେ ହାଣ୍ଡି ହାଣ୍ଡି ହାଣ୍ଡିଆ । ରାତି ହେଲେ ମଉଜ ଅଛୁରି ବେଶି । ଗୁଡ଼ିଅଡ଼େ ବଡ଼ବଡ଼ ମଶାଲ ରଖି ମଝିରେ ନାଚନ୍ତିଏ...ଧାଙ୍ଗଡ଼ା ଧାଙ୍ଗଡ଼ୀ ନାଚ ! ସେଇ ନାଚରେ ରାତି ପାହିଯାଏ ବାବୁ ! ଦଳ ମଝିରେ ଶୁକ୍ରୁରା ଯେତେବେଳେ ମାଦଳ ପିଟେ ନାଚ ବହୁତ ଜମିଯାଏ । ଶୁକ୍ରୁରର ମାଦଳ ପିଟା ଖାଲି ଆମର ଗାଁର ନୁହେଁ, ଆଖ ପାଖର ସମସ୍ତେ ବି ଭାରି ପସନ୍ଦ କରନ୍ତି । ହେଲେ ଶୁକ୍ରୁରା ଥିଲା ଖୁବ୍ ଗରିବ । ନିଜର ବୋଲି ଘରଟିଏ ବି ତାର ନଥିଲା । ମୁଣ୍ଡକୁ ହାତ ପହଞ୍ଚିବା ଅଗରୁ ବା' ତାର ମରିଗଲା, ମା' ତ ବହୁତ ଦିନରୁ ମରିଥିଲା । ପେଟ ବିକାଳରେ ପରଘରେ ସେହି ଗାଁରେ ମୂଲିଆ ହୋଇ ରହିଲା । ମରାମତି ହୋଇ ନ ପାରିବାରୁ ଘର ଭାଙ୍ଗି ଗଲା । ସେ ଘର ଆଉ କେବେ ଛାଅଣି କରିପାରିନି । ତାର କିଛି ନ ଥିଲେ ବି ଗାଁରେ ସମସ୍ତେ ତାକୁ ଭଲ ପାଉଥିଲେ । ଉପରେ ପଡ଼ି ସମସ୍ତଙ୍କର କାମ କରିଦିଏ ନିଜର ମାଲିକର କାମ ସାରି । ଆମର ଇଚ୍ଛା ଥିଲେ ବି ବାହାଘର ହୋଇ ପାରିଲା ନାହିଁ । ବା' ମୋର ଜାଣିଥିଲା ଆମର ମନ କଥା । କିନ୍ତୁ ସେ ଭାବୁଥିଲା ତାର ପାଞ୍ଚବଢା ଜମିଠାରୁ ଆମେ ଛଅଭଉଣୀ ଅଧିକ ଧନ । ପଣ ଦେଇ ମୋତେ ବାହା ହେବାର ଅବସ୍ଥା ଶୁକ୍ରୁରର ନ ଥିଲା । ମୋର ସହ ଲୁଚି ଲୁଚି ତେବେ ବି ସେ ଦେଖା କରେ...ଅଛା— କରେ । ତାକୁ ନ ଦେଖିଲେ ମୋର ବି ମନଟା ଭଲଲାଗେ ନାହିଁ । ବା' ମୋର ତାର ସହିତ ମୁଁ କଥା ହେଲେ ମୋତେ ଭାରି ଛପେ । ଦିନେ ସଜନାଗଛ ମୂଳରେ ଥାଇ ପାଚେରି ପାଖରୁ ସେ ମୋତେ ଡାକୁଥିଲା । ବେଳବୁଡ଼ି ଯାଇଥିଲା । ମୁଁ ବାଡ଼ିରୁ କାଠ ଆଣୁଥିଲି ।

Digitized by srujanika@gmail.com

ମୁଁ ତା ପାଖକୁ ଆସୁଥାଏ, ବା' ମୋର ଦାଣ୍ଡଅଡ଼ୁ ତାକୁ ଦେଖିପାରି ବହୁତ ଗାଳିଦେଲା ତାକୁ । ମୋତେ ବାଧିଲା । ହେଲେ ବଣ ପୋଡ଼ିଲେ ସମସ୍ତେ ଜାଣନ୍ତି, ମନ ପୋଡ଼ିଲେ କିଏ ଜାଣେ ବାବୁ ! ସେଦିନ ବହୁତ ରାତିଯାଏ ମୁଁ କାନ୍ଦିଲି···

ଶୁକୁରି ଗାଁ ଛାଡ଼ି ଚାଲିଗଲା । ସେହିଦିନ ଠାରୁ ଗାଁରେ ତାକୁ ଆଉ କେହି ଦେଖିନାହାଁନ୍ତି । ହେଲେ ଗାଁରେ ସମସ୍ତେ ତାକୁ ଝୁରି-ହେଲେ । ସେ ଚାଲିଗଲା ସତ; କିନ୍ତୁ ସବୁବେଳେ ତାର ରୂପ ମୋର ଆଖିରେ ନାଚି ଉଠିଲା । ମହୁଲ ଗୋଠାଇ ଥିବାବେଳେ ହାତ ରହିଯାଏ । ପାଣିରେ ମାଠିଆ ବୁଡ଼ାଇଲାବେଳେ ଅନେକ ସମୟ ପାଣିରେ ଛିଡ଼ାହୋଇ ରହେ, ପରବବେଳେ ନାଚିଲାବେଳେ ପାଦ ଅଟକି ଯାଏ···

ଦିନେ ସକାଳେ ବାଡ଼ିପଟେ ସୁନ୍‌ସୁନି ସାଗ ତୋଳୁଥିଲି । ଟିକିଏ ଦୂରରେ ବା' ମୋର ପିକା ଟାଣୁ ଟାଣୁ ମା'କୁ ଯାହା କହିଲା— ତାହା ଶୁଣି ମୁଁ ଚମକି ପଡ଼ିଲି । ମୋର ବାହାଘର ଠିକ୍‌ହୋଇ ଯାଇଛି ସିନ୍ଦୂରପୁର କାଶିଆ ସଙ୍ଗରେ···କାଶିଆ ବୁଢ଼ାଟା । ବାବୁ ! ଘରେ ତାର ତିନିଟା ବୋହୂ । ତେବେ ବି ଛୁଆପିଲା ନାହିଁ । ବହୁତ ପଣ ଦେବ ବୋଲି କହିବାରୁ ବା' ମୋର ବହୁତ ଖୁସି···ସେ କଥା ପକ୍‌କା କରି ପକାଇଲା । ଭାବିଲି ନଈରେ ବୁଡ଼ି ମରିବି ପଛେ ସେ ବୁଢ଼ାକୁ ବାହାହେବି ନାହିଁ ।

ବାହାଘର ହେବାର ସାତଦିନ ଥାଏ । ଗାଁକୁ ଆସିଲା ମକରା । କେଉଁ ଅଡ଼େ ଲଢେଇ ଲାଗିଥିଲା ଯେ ମିଲ୍‌ଟାରୀରେ ମିଶିଥିଲା ସେ । ଆମ ଗାଁର ଲୋକ । ବହୁତ ଦିନ ଯାଏ ତାର ଖବର କେହି ପାଇ-

Digitized by srujanika@gmail.com

ଥିଲେ ନାହିଁ । ତେବେ ତାର ନାଁରେ କେତେ ଲୋକ କେତେ କଥା କହନ୍ତି । କିଏ କହେ ମିଲ୍‌ଟାଗ୍ରି, ଫିଲ୍‌ଟାଗ୍ରି ମିଛ—ସେ ଚୋରଦଳରେ ମିଶିଥିଲା । ଧରାପଡ଼ି ଜେଲ ଯାଇଥିଲା କିଏ କହେ ଙ୍ଗ୍ରେଜଆରେ କାମ କରୁଥିଲା, ବୁଢ଼ି ତନିଟା ଝିଅଙ୍କୁ ଭୁଲାଇ କଲିକତା ନେଇ ବିକି ଦେଇଛି ।

ଦିନେ ସଞ୍ଜବେଳେ ପାଣି ଅଣିବାକୁ ଗଲି···କେହି ନଥିଲେ ବନ୍ଧରେ । ପାଣି ମାଠିଆ ଭର୍ତ୍ତିକରି ଉଠିଲା ବେଳକୁ ଗଛ ବୁଦାଡ଼ରୁ ମଲରାର ଡାକ ଶୁଣି ଚମକି ଉଠିଲି—

"କିଏ ଗୁରୁବାରୀ କି,ଲୋ ?"

ମୁଁ କିଛି କହିଲିନି କି ମାଠିଆ ଧରି ଚାଲି ଗଲିନି । ଛିଡ଼ା-ହୋଇ ରହିଲି ।

"ତେବେ ସେଇ ବୁଢ଼ାଟାକୁ ତୁ ବାହାହେବୁ । ଶୁକୁରାଟା ତେଣେ ଜଗିବସିଛି ।"

କଥା ଆଉ ନ କହି ରହି ପାରିଲିନି ବାବୁ ! ତା ମୁଖରୁ ଶୁକୁରାର ନାଁ ଶୁଣି ଚୁପ୍‌ହୋଇ ରହିପାରିଲିନି । କହିଲି···"ଶୁକୁରାକୁ ଦେଖିଛୁ ?"

"ଖାଲି ଦେଖିଛି, ସେ ତ ମୋତେ ଗାଁକୁ ପଠାଇଲା । ମୋର ଛୁଟି ନାହିଁ । ଜାଣୁ ତ ମିଲ୍‌ଟାଗ୍ରି ଲୋକ । ତେବେ ତାର କଥା କାଟି ପାରିଲି ନାହିଁ । ପୁରୁଣା ସାଙ୍ଗଟା···।

"ଶୁକୁରା କି କହୁଛି ?"

"ସେ ବହୁତ କଥା । ଏତା ତୋତେ ପାଏ ନାହିଁ ବୋଲି କହିପାରୁ ନ ଥିଲା । ଶୁକୁରା ଅଉ ଗରିବ ହୋଇ ନାହିଁ । ବହୁତ

Digitized by srujanika@gmail.com

କମେଇଲାଣି । ଟଙ୍କା ଦେଇ ପଠେଇଛି ତୋତେ ଯିବାପାଇଁ । ଏଥରେ ଆସି ବା'କୁ ତୋର ପଣ ଦେଇଦେବ···

ନାଇଁ ମକରା, ତୋର କଥାରେ ସତ ନାହିଁ । ତୁ ପର ଝିଅମାନଙ୍କୁ ଭୁଲାଇ କଲକତାରେ ବିକ ଦେଉ—

“ସତେ ? ଶୁକୁରର କଥା ଟାଳିପାରିଲି ନାହିଁ । ଭୁଲ କରିଛି ଆସି । ଯା'ର ପାଇଁ ଚେଷ୍ଟା କରି ସିଏ କହୁଲା ଚୋର । ହଉ ଥା—”

ମକରା ମୁହଁ ବୁଲାଇ ଚାଲି ଯାଉଥିଲା । ମୁଁ ଡାକିଲି—ସେ ଫେରିଲା । ବହୁତ ରାଗିଯାଇ ଥିଲା···ଖୁବ୍ ଜୋରରେ କହିଲା—“କହ, ଆଉ କେତେ କହିବୁ, କହିଯା । ଶୁକରର କଥାରେ ଆସିଛି ଯେତେବେଳେ ।

“ସତ କହୁଛୁ ମକରା···

ଦୁଇପାଦ ଆଗେଇ ଆସି କରମ ଗଛରେ ହାତ ଦେଇ କହିଲା—“ଦେଖ୍, ଏଇ କରମ ଦେବତାର ଦେହରେ ହାତଦେଇ କହୁଛି—”

ଗେଟ୍ ଅଡ଼କୁ ଚାହିଁ ସେ ଅଟକି ଗଲା । ପୃଥିବୀର ସମସ୍ତ ଭୟ ସତେ ଯେପରି ତା ମୁହଁରେ ଜମାଟ ବାନ୍ଧିଲା । ଜଣେ କଳିଷ୍ଟ ଲୋକ ତା ପାଖକୁ ଆସି ଉଠିବାକୁ କହିଲା । ସେ କିନ୍ତୁ ନୀରବ··· ପଛରୁ ପାଟି ଶୁଭିଲା—

“ଜଲ୍‌ଦି ଆଇୟେ···

ଆଗନ୍ତୁକ ଗର୍ଜି ଉଠିଲା—“ନାତ ଜ୍ୱର ଆସିଛି କହିଲେ ଚଳିବନି । ସେମାନେ ଡାକୁଛନ୍ତି ଶୁଭୁନି—ତଥାପି ଉକ୍ତ ସ୍ୱାଟି ନୀରବ ।

Digitized by srujanika@gmail.com

"ହଁ, କହୁଛି—"ଅଗନ୍ତୁକର ଆଖିରେ ନିଆଁ ଜଳି ଉଠିଲା ! ସତେ ଯେପରି । ମୁଁ ମୋର କର୍ତ୍ତବ୍ୟ ସମ୍ପର୍କରେ ଚିନ୍ତା କରୁଥାଏ, ମେଲ୍ ଅସି ଛୁଡ଼ା ହେଲା । ଟିକେଟ ବି କରିନାହିଁ । ଚଞ୍ଚଳ ପଦ କ୍ଷେପରେ ଦୌଡ଼ିଗଲି—

× × ×

ଗୁଡ଼ିଏ ଦିନ ପରେ—

ଝୁମୁରୁଝିଡ଼ିହରୁ ଫେରି ଆସୁଥିଲି ସମ୍ବଲପୁର । ରାତିରେ ସେଇ ଝାରସୁଗୁଡ଼ା ଷ୍ଟେସନରେ ରହିବାକୁ ପଡ଼ିଲା । ଏଥର କିନ୍ତୁ ତୃତୀୟ-ଶ୍ରେଣୀ ବିଶ୍ରାମାଗାର ନୁହେଁ—ପ୍ରଥମ ଶ୍ରେଣୀ ବିଶ୍ରାମାଗାରରେ ରାତି ଯାପନ କରିବାକୁ ସୁବିଧା ମିଳିଲା । ଅତ୍ୟଧିକ କ୍ଳାନ୍ତି ଯୋଗୁ ରାତି ଭୋଜନ ଶେଷ କରି ଶୋଇପଡ଼ିଲି । ନିଦ ଭାଙ୍ଗିବା ବେଳକୁ ଅନ୍ଧକାର ହଜି ଯାଉଥାଏ । ହଠାତ୍ କେଜାଣି କାହିଁକି ବିଗତ ଦିନର କଥା ମନର ପର୍ଦ୍ଦାରେ ନାଚି ଉଠିଲା ବାରମ୍ବାର । ଧୀରେ-ଧୀରେ ଆଗେଇ ଗଲି ସେହି ତୃତୀୟ ଶ୍ରେଣୀ ବିଶ୍ରାମାଗାର ଆଡ଼କୁ—

ବିଶ୍ରାମାଗାରର ଗୋଟିଏ ପାର୍ଶ୍ୱରେ କେତେକ ଲୋକ କେଜାଣି କାହିଁକି ଜମାହୋଇ ପାଟି ତୁଣ୍ଡ କରୁଥିଲେ । କାହାର କ'ଣ ଦୁର୍ଘଟଣା ହେଲା ଭଳି ବୋଧହୁଏ ରେଲୱାଇ ପୋଲିସ ସେ ଭିଡ଼ ଭିତରେ ପଶିଗଲେ । ମୁଁ ବି' ଘଟଣା କ'ଣ ଜାଣିବା ପାଇଁ ଅଗ୍ରହୀ ହେଲି; କିନ୍ତୁ ଏ କ'ଣ ? ଜଣଙ୍କ କଥାରେ ରେଲୱାଇ ପୋଲିସ ଯେଉଁ ମୁର୍ଦ୍ଦାରର ମୁହଁକୁ ଲୁଗା ଅଡ଼େଇ ଦେଲା ଏ ଯେ

Digitized by srujanika@gmail.com

ସେହି ସ୍ତ୍ରୀ—ଯେ କି' ଏହିଠାରେ ଆଜକୁ ଶୁହିଦନ ପୂର୍ବେ ଶୁଣାଇ-ଥିଲା ତାର ଅଭିଶପ୍ତ ଜୀବନର ବ୍ୟଥାଭରା କାହାଣୀ—ଶୁହିଆଡ଼କୁ ଦୃଷ୍ଟି ନିକ୍ଷେପ କରି ମନେ ମନେ ଯାହାକୁ ଖୋଜିଲି ତାକୁ କିନ୍ତୁ ପାଇଲିନି—ନର୍ଦ୍ଦମା ଭିତରେ ସେତେବେଳକୁ ସେ ହୁଏତ ଆତ୍ମ ଗୋପନ କରି ସାରିଥିଲା! କିମ୍ବା ଗୋଟିଏ କୁସୁମକୁ ନଷ୍ଟ କରି ଚାଲି ଯାଇଥିଲା ଆଉ ଏକ ନୂତନର ସନ୍ଧାନରେ—

ଏପ୍ରିଲ ୧୯୭୧-'ସମାବେଶ'ରେ ପ୍ରକାଶିତ ।

— — —

Digitized by srujanika@gmail.com

କ୍ରନ୍ଦସି

"ତେବେ ଏ ପାଷାଣ ଓ ମୋ ଭିତରେ ତଫାତ ରହିଲା କେଉଁଠି ?"

ଖଣ୍ଡଗିରିର ଗୁମ୍ଫାରେ ଗୁମ୍ଫାରେ ପ୍ରତିଧ୍ୱନିତ ହୋଇଉଠିଲା ପ୍ରଶ୍ନଟି ସତେ ଯେପରି । ବୀତରାଗ ଗୋଧୂଳିର ଅସ୍ତିତ୍ୱ ଚକ୍ରବାଳର ଧାରେ ଧାରେ ଲୁପ୍ତ ହୋଇ ଆସିଥିଲା । କ୍ଳାନ୍ତ ମାନବର ଅଳସ ଭରା ଚକ୍ଷୁରେ ମଧୁର ତନ୍ଦ୍ରା ସମ ତପ୍ତ ପୃଥିବୀର ରିକ୍ତତା ଭିତରେ ସନ୍ଧ୍ୟାର ଆଶାବରୀ । ପାଷାଣ ଉପରେ ଉପବିଷ୍ଟ ବୃଦ୍ଧ ବୌଦ୍ଧ ଶ୍ରମଣ · ପାଷାଣ ଉପରେ ସତେ ଅବା ସେହି ପାଷାଣର ମୂର୍ତ୍ତିଟିଏ··· ନିଷ୍ପଲକ ଆଖିପତା, ଅକମ୍ପ ଶରୀର···ସମ୍ମୁଖରେ ଆନତ ମସ୍ତକରେ ତରୁଣ ବୌଦ୍ଧ ଭିକ୍ଷୁ । ଅସୀମ ଆକାଶର ନୈଶ ବିଭବ ଶରତ୍ ଋତୁର ଅନାବିଲ ଜଳରେ ପ୍ରତିବିମ୍ବିତ ହେବାପରି ମୁଖମଣ୍ଡଳରେ ତାର ପ୍ରତିଫଳିତ ହୋଇଥିଲା ବେଦନା! ବିଦଗ୍ଧ ପ୍ରାଣର ପୁଞ୍ଜିଭୂତ ଦୁଃଖ ଓ ଅସନ୍ତୋଷ । ପରିସ୍ଥିତିର ବିଷ ବାଷ୍ପରେ ସତେ ଯେପରି ତା'ର ଶ୍ୱାସରୁଦ୍ଧ ହୋଇ ଆସୁଛି । ସାନ୍ଧ୍ୟ ପବନ ତା'ର ଆତ୍ମଗ୍ଲାନି ଜନିତ ବେଦନାରେ ଭାରାକ୍ରାନ୍ତ ହୋଇ ପଡ଼ୁଥିଲାକି ?

"ଗୁରୁଦେବ !" ପ୍ରତୀକ୍ଷା କରିବାର ଧୈର୍ଯ୍ୟ ସତେ ଯେପରି ତାର ନ ଥିଲା ।

Digitized by srujanika@gmail.com

"ଶାନ୍ତ ହୁଅ ଅରଣ୍ୟକ । ଯୌବନର କ୍ଷଣିକ ଜୁଆର ଭଙ୍ଗାର ପୂର୍ବାଭାସ । ତାରୁଣ୍ୟର ଗୃହପଞ୍ଜୀ ଭିତରେ ଅନ୍ଧକାର ମନ୍ଦିରେ ଦୀପ୍ତ ମଶାଲ ସମପ୍ରଜ୍ଞାଙ୍କୁ ତମେ ବଳୀ ଦିଅନା । ଦୁଃଖର କାରଣ ଯେଉଁ କାମନା, ତା'ର ପଛରେ ଘୁରି ବୁଲିବା ତୃଷାର୍ତ୍ତ ମରୀଚିକା ପଛରେ ଧାବମାନ ହେବାପରି··· ··· ···

"ଏହି ଧୂଳିମାଟିର ପୃଥିବୀରେ ଦୁଃଖର ସ୍ଥିତିକୁ ମୁଁ ତ ଅସ୍ୱୀକାର କରୁନି; କିନ୍ତୁ କାମନା ବିବର୍ଜିତ ଜୀବନ ମରଣର ଛଦ୍ମବେଶ ନୁହେଁକି ? ସନ୍ଧ୍ୟାର କୁସୁମ ସକାଳରେ ଝରି ପଡ଼ିବ ସତ୍ୟ କିନ୍ତୁ ସେଥିପାଇଁ କୁସୁମ କି କେବେ ବୃନ୍ତରୁ ନିଜର ଅର୍ଥଭରା ହସଟିକୁ ବିଦାଏ ନା ? ନିଜର ମନ ମତାଣିଆ ସୁରଭିରେ ନିଖିଳ ପ୍ରାଣକୁ ଆମୋଦିତ କରି କହେନା ?—"ମୁଁ ଆସିଛି—ମୁଁ ଆସିଛି—

"କି ସାର୍ଥକତା ସେହି ଆସିବାରେ, ଯଦି ନନ୍ଦନ ଭିତରେ ଗୁଳି ଯିବା ପାଇଁ ସେହି 'ଆସିବା' ଉଦ୍ଦିଷ୍ଟ ?—ନିର୍ବାଣ ହିଁ ତୋର ଉପାସ୍ୟ ହେଉ ଅରଣ୍ୟକ ଅନନ୍ତ ଅଖଣ୍ଡ ସୁଖର ମଧୁର ସ୍ୱପ୍ନରେ ମୃଗତୃଷ୍ଣାସମ ଏହି କ୍ଷଣିକ ସୁଖର ଛଳନା ମୟ ଆମନ୍ତ୍ରଣକୁ ଉପେକ୍ଷା କର——"

'ନିର୍ବାଣ ? କ'ଣ ସେ ନିର୍ବାଣ ଗୁରୁଦେବ ? କିଏ ଦେଖିଛି ସେହି ନିର୍ବାଣକୁ ? ହୁଏତ ସେ ଏକ ଖିଆଲ—ହୁଏତ ସେ ଏକ ଅଭିଳାଷ – ହୁଏତ ସେ ଏକ କଳ୍ପନା ବା ପଲାତକର ମଧୁର ସ୍ୱପ୍ନ—ମୁଁ ପାରିବିନି, ପାରିବିନି ଗୁରୁଦେବ ଅଦୃଷ୍ଟ ନିର୍ବାଣ ଆଶାରେ ଆତ୍ମଘାତୀ ହୋଇ ପାରିବିନି——"

Digitized by srujanika@gmail.com

ଆରଣ୍ୟକ ଲୋଟି ପଡ଼ିଲା ଶମ୍ଭୁଙ୍କର ପାଦତଳେ । ଭାବୁଥିଲେ ଶମ୍ଭୁ—ଏଇ ସେଇ ଆରଣ୍ୟକ···ଅତୀତ ଯା'ର ରହସ୍ୟର ତମସା ଭିତରେ । ନିଷ୍ଠୁର ନିର୍ମମ ମୃତ୍ୟୁର ଦ୍ୱାର ଦେଶରୁ ସେ ଉଦ୍ଧାର ଆଣିଥିଲେ ତାକୁ । ସେ ଦିନର ରାତି ଥିଲା ଝଡ଼ବସ୍ତ । ନଗର ଭ୍ରମଣରୁ ଫେରିବାକୁ ବିଳମ୍ବ ହୋଇଗଲା । ଅର୍ଦ୍ଧପଥ ଅତିକ୍ରାନ୍ତ ହେବାବେଳକୁ ରାତିର ଅବୁଝା ମାୟା ବିସ୍ତାରିତ ହୋଇ ପଡ଼ିଥିଲା —ସଙ୍ଗେ ସଙ୍ଗେ ଗର୍ଜି ଉଠିଥିଲା ଝଡ଼ର ଈଗଲ୍···ଆଉ ତାରି ସାଥିରେ ଗଗନ ଭୁବନକୁ ପ୍ରକମ୍ପିତ କରିଥିଲା ମେଘର ମନ୍ଦ୍ର— ନିନାଦ । ଝଡ଼ର ଅତ୍ୟାଚାରରୁ ନିଜକୁ ରକ୍ଷା କରିବା ପାଇଁ ଆଶ୍ରୟ ଗ୍ରହଣ କରିଥିଲେ ସେ ଏକ ବିଶାଳ ବରଗଛ ତଳେ । ତାର ମୃତ୍ତିକା—ଚୁମ୍ବୀ ବଡ଼ ବଡ଼ ଓହଳ ଗୁଡ଼ିକ ସତେ ଯେପରି ତାକୁ କହୁଥିଲେ···ଭୟ ନାହି ଶମ୍ଭୁ···ଏ ଝଡ଼ ତମର କିଛି କରି ପାରିବନି ।"

କିଛି ସମୟ ପରେ ଥମିଗଲା ଝଡ଼···କମିଗଲା ବର୍ଷାର ବେଗ ; ହଠାତ୍ ଅଦୂରସ୍ଥ ବୃକ୍ଷ ମୂଳରେ ସେ କା'ର କରୁଣ ବିଳାପ ?

"କିଏ ?" ବିସ୍ମୟରେ ଚିତ୍କାର କରି ଉଠିଥିଲେ ସେ । ହଠାତ କନ୍ଦନ ଅସ୍ପଷ୍ଟ ହୋଇ ଆସିଲା । ରହସ୍ୟ ଭେଦ କରିବା ପାଇଁ ଅଗ୍ରସର ହେଲେ ସେ । କିନ୍ତୁ ଏ କଅଣ ? ଭୂପତିତ ପଲିତ ପତ୍ରର କେବଳ ଖସ୍ ଖସ୍ ଶବ୍ଦ । ତେବେ କିଏ ସେ ଚାଲିଗଲା ? କିନ୍ତୁ କିଏ ସେ ? କେଉଁଥି ପାଇଁ ବା ସେ ଆସିଥିଲା ? ତାହାଙ୍କ ଠାରୁ ନିଜକୁ ଗୋପନ କରିବା ପାଇଁ ସେ ବ୍ୟାକୁଳ ? ମନକୁ ମନ ଏହିଭଳି ପ୍ରଶ୍ନ କରିବା ସମୟରେ ସେ ଅନୁଭବ କଲେ । କିଏ

Digitized by srujanika@gmail.com

ଜଣେ ଯେପରି ଦୂରକୁ—ଦୂରକୁ ଗୁଲି ଯାଉଛନ୍ତି । ପୁଣିଥରେ ଚତ୍କାର କରି ଉଠିଲେ ସେ—"କିଏ ?" କିନ୍ତୁ କୌଣସି ଉତ୍ତର ନ ପାଇ ପାଦ ବଢ଼ାଇଲେ ଆଗକୁ—ଆଗକୁ । ହଠାତ୍ ଅଟକି ଗଲେ ସେ । ସଦ୍ୟଜାତ ଶିଶୁର କ୍ରନ୍ଦନ ! ! ବିଦ୍ୟୁତ ଚମକି ଉଠିଲା । ଦୁଇ ହାତରେ ବାରିସିକ୍ତ ମୃତ୍ତିକା ଉପରୁ ସେହି ପରିତ୍ୟକ୍ତ ନବ-ଜାତକୁ ଉଠାଇ ଆଣିଥିଲେ ସେ । ଚକ୍ଷୁଦ୍ୱୟ ତାଙ୍କର ଅଶ୍ରୁସିକ୍ତ ହୋଇ ଉଠିଥିଲା । ସେ ଦିନର ସେହି ଶିଶୁ ଅଜିର ଯୁବକ ଆରଣ୍ୟକ । ବହୁ କଷ୍ଟରେ ତାକୁ ମଣିଷ କରିଛନ୍ତି ସେ । ତାଙ୍କର ଅଭିଳାପ ଥିଲା, ଦିନେ ଏହି ଆରଣ୍ୟକ ପ୍ରଭୁ ବୁଦ୍ଧଙ୍କ ବାଣୀ ପ୍ରଚାର କରି ଜଗତର କଲ୍ୟାଣ ସାଧନ କରିବ—ଅଲୀକ ଭୋଗ ବିଳାସ ପ୍ରତି ଅନାସକ୍ତ ବନ୍ଧୁ ଧର୍ମ ଓ ସଙ୍ଘର ସେବାରେ ନିଜକୁ ଉତ୍ସର୍ଗ କରିବ । ତାଙ୍କର କେବଳ ମନେପଡ଼େ ଦିନକର କଥା । ସନ୍ଧ୍ୟା ସେତେବେଳକୁ ଉତ୍ତୀର୍ଣ୍ଣ ହୋଇ ସାରିଥିଲା । ଗୁମ୍ଫା ଭିତରେ ଆରଣ୍ୟକକୁ ନ ଦେଖି ପ୍ରଥମେ ବିସ୍ମିତ ହେଲେ ସେ । ବହୁ ସମୟ ଧରି ଆକୁଳ ପ୍ରତୀକ୍ଷା ପରେ ଆସିଲା ଆରଣ୍ୟକ । ହୃଦୟ ତାର ପୁଲକରେ ନାଚଉଠୁ-ଥିଲା । ସେ ତାକୁ କିଛି କହିବାପୂର୍ବରୁ ଆରଣ୍ୟକ କହିଉଠିଲା—

—"ଆଜି ଗୁମ୍ଫା ଭିତରେ ରହିବାକୁ ଇଚ୍ଛା ହେଉନି ଗୁରୁଦେବ ! ଏଇ ଦେଖନ୍ତୁ କି ସୁନ୍ଦର, କି କମନୀୟ, କି ଲୋଭନୀୟ ପ୍ରକୃତି । ରୁକ୍ଷ ପାଷାଣ ବି' ଚନ୍ଦ୍ରିକାର ସ୍ନିଗ୍ଧ ପ୍ରଲେପରେ ଜୀବନ୍ତ ହୋଇ ଉଠିଛି । ଦିଗେ ଦିଗେ ଝରି ପଡ଼ୁଛି ସୃଷ୍ଟିର ଅମିୟ । ଯୌବନର ପାଗଳ କରା ଘ୍ରାଣରେ ସର୍ବାଙ୍ଗ ମୋର ରୋମାଞ୍ଚିତ···

"ଦେଖନ୍ତୁ !"

Digitized by srujanika@gmail.com

ତାକୁ ଅଧିକ ପ୍ରଶ୍ରୟ ଦେବାକୁ ଚାହିଁ ନ ଥିଲେ ସେ । ଆରଣ୍ୟକର ମୁହଁରୁ ବାହାରି ଆସୁଥିବା କଥା ସେଇ ମୁହଁଭିତରେହିଁ ଅଟକି ଗଲା । ମୁଖମଣ୍ଡଳରେ ତାର ବେଦନା ଓ ଅଭିମାନର ଆଭାସ । ଧୀରେ ଧୀରେ ଗୁମ୍ଫା ଭିତରକୁ ପ୍ରବେଶ କଲା ସେ । ସେହି ଦିନ-ଠାରୁ ବେଳେବେଳେ ସେ ହୁଏ ଅନମନା । ପରିବେଶ ପ୍ରତି ତାର ଅସନ୍ତୁଷ୍ଟ ମନର ଭାବକୁ ଲୁଚାଇବା ପାଇଁ ସେ ଯଥାସାଧ୍ୟ ଚେଷ୍ଟା କରୁଥିଲା । ବୃଦ୍ଧ ଶମ୍ଭଣର ବେଶ ମନେ ପଡ଼େ କୁସୁମ ଚୟନରେ ଓ ଏକାକୀ ଅନମନା ହୋଇ ଭାବିବାରେ ଆରଣ୍ୟକ ସବୁଠାରୁ ବେଶି ଆନନ୍ଦ ପାଉଥିଲା । ତାଙ୍କର ଅବର୍ତ୍ତମାନରେ ଗୁଣୁଗୁଣୁ କରି ଗୀତ ଗାଏ ସେ । ଲୁଚି ରହି ବହୁବାର ସେ ଏ ସବୁ ଲକ୍ଷ୍ୟ କରିଥିଲେ । ତାଙ୍କୁ ଆସିବାର ଦେଖିଲେ କିଛି ନ ଜାଣିଲା ପରି କାର୍ଯ୍ୟର ଛଳନା କରି ଅନ୍ୟତ୍ର ଚାଲିଯାଏ ।

ଦିନେ···

ଆରଣ୍ୟକ ତାଙ୍କ ସହିତ ଗଲା ନଗରକୁ ଭିକ୍ଷାପାଇଁ । ଜୀବନରେ ନଗରକୁ ତାର ତାହାହିଁ ପ୍ରଥମ ଯାତ୍ରା । ତେଣୁ ନଗରର ପ୍ରତ୍ୟେକଟି ଜିନିଷ ତା ଆଖିରେ ଲଗାଇ ଥିଲା ବିସ୍ମୟର ଅଞ୍ଜନ । ସେ ଚାହୁଁଥିଲା··· ମୁଗ୍‌ଧ ନୟନରେ ପିପାସିତ ଦୃଷ୍ଟିରେ ଚାହିଁ ରହୁଥିଲା । ନଗରର ଗଗନଚୁମ୍ବୀ ସୌଧ, ନଗରବାସୀର ବିଚିତ୍ର ବେଶଭୂଷା, ଭୋଗ-ବିଳାସ ଓ ଅଭିଜାତ୍ୟର ମନ ଭୁଲାଣିଆ ରୂପରେ ଆଜି ତାର ଝଲସି ଗଲା । ସବୁଠାରୁ ତାକୁ ଅଧିକ ବିସ୍ମିତ କରିଥିଲା ନୃତ୍ୟରତ ରୂପସୀ ଲୋପା ମୁଦ୍ରା ··· ଯା'ର ଶାଣିତ କଟାକ୍ଷରେ ବୃଦ୍ଧ ମଧ୍ୟ ଅନୁଭବ କରେ ହଠାତ୍ ସତେ ଯେପରି ଜୀବନ କାନନରେ ତାର ବିଗତ ବସନ୍ତ ଫେରି ଆସିଛି···ଯୁବକ ଆରଣ୍ୟକ ନୃତ୍ୟରତ

Digitized by srujanika@gmail.com

ସେ ବିଳାସିନୀ ଯୁବତୀର ଶିକାର ହୋଇଥିଲା । ସେହି ଦିନଠାରୁ ସେ ଅଦ୍ଭୁତ ଭାବରେ ଅନମନା ହେଲା ··· ଗୃହାଶୀରେ ତାର ସବୁବେଳେ ଉଦାସୀନତା । ତା ମନର ଶାନ୍ତାଗ୍ରନ୍ଥି ଓଲଟ-ପାଲଟ ହୋଇଗଲା ।" ଫଳରେ ଭୁଲିଗଲା ସେ ସଙ୍ଘର ସେବା ଭୁଲିଗଲା ଧର୍ମକୁ, ଭୁଲିଗଲା ପ୍ରଭୁ ବୁଦ୍ଧକୁ । ମନ ଭିତରେ ଜମାଟ ବାନ୍ଧିଥିଲା ତାର ପୁଞ୍ଜିଭୂତ ଅସନ୍ତୋଷ । ଆଜି ଅଜ ବାଧାର ବନ୍ଧନକୁ ଦେଖାଇବାକୁ ଭିତର ସେହି ଅସନ୍ତୋଷ ନିଜକୁ ପ୍ରକାଶ କରୁଛି···କିନ୍ତୁ ଆରଣ୍ୟକର ପ୍ରତିଟି ପ୍ରଶ୍ନ ତାଙ୍କୁ ଏପରି ବିଚଳିତ କରୁଛି କାହିଁକି ? ତେବେ ସେ କଅଣ ସତ କହୁଛି ? ନିର୍ବାଣ ଏକ ଖିଆଲ— ? ଏ କି ମଧୁର କଳ୍ପନା ? "ତେବେ କ'ଣ ତାଙ୍କର ଏ ଦୀର୍ଘ ସାଧନା ଆତ୍ମ ପ୍ରତାରଣା ?

ହଠାତ୍ ବୃଦ୍ଧ ଶମଣର ଚକ୍ଷୁଦ୍ୱୟ ଲୋତକାର୍ଦ୍ର ହୋଇଉଠିଲା । ଭୁଲି ମଧ ଭୁଲିପାରିନାହାନ୍ତି ସେ, ତାଙ୍କର ଅତୀତକୁ । ବହୁଚେଷ୍ଟା କରିଛନ୍ତି ସେ—ଦୁଃଖପ୍ରସୂ ସେଉଁ ଅତୀତର ସ୍ମୃତି, ତାକୁ ତଣ୍ଟିଚିପି ମାରିଦେବା ପାଇଁ;କିନ୍ତୁ ସେ କ'ଣ ମରିଛି ? ବର୍ତ୍ତମାନ ଭିତରେ ସେ ନିଜକୁ ଗୋପନ କରି ରଖିଛି ଅତି ଚତୁରତା ସହିତ···ତାଙ୍କର ପ୍ରତିଟି ଅସତର୍କ ମୁହୂର୍ତ୍ତରେ ସେହି ଅତୀତ, ବର୍ତ୍ତମାନ ଭିତରୁ ମୁଣ୍ଡ ଟେକି ଗୁହେଁ ଅତି କରୁଣ ଭାବରେ, ଆଉ କୁହେ—

···"ତୁମେ ମୋତେ ମାରିବାକୁ ଯାଇ ମୃତ୍ୟୁଞ୍ଜୟ କରିଛ । ହେ ସାଧକ ! ତୁମ ଦୀର୍ଘ ନିରଳସ ସାଧନା ଭିତରେ ତୁମେ କଣ ମୋତେ ଭୁଲି ଯାଇଛ ?···ନା, ନା, ତୁମେ ମୋତେ ଭୁଲିପାରିବ ନାହିଁ । କାରଣ ମୁଁ ତମକୁ ମୋତେ ଭୁଲିବାକୁ ଦେବିନାହିଁ···ମୁଁ

Digitized by srujanika@gmail.com

ଅଛୁ, ତୁମ ଚନ୍ଦ୍ରା ଉଦ୍ଭିର ପ୍ରତିଟି ସ୍ୱରରେ···ତୁମେ ଜାଣି ମଧ୍ୟ ଜାଣିପାରନା, ବୁଝି ମଧ୍ୟ ବୁଝି ପାରନା ।"

ବୃଦ୍ଧ ଶଙ୍ଖଣର ବେଶ୍ ମନେ ପଡ଼େ ଦିନେ ସେ ଏହି ଆରଣ୍ୟକଠାରୁ ଥିଲେ ବହୁତ ସୁନ୍ଦର । ରୂପ ଓ ଗୁଣରେ ସମଗ୍ର ମଗଧକୁ ସେ ବିସ୍ମିତ କରିଥିଲେ । ମଗଧର ଘରେ ଘରେ ତାଙ୍କର ପ୍ରଶଂସା । ମଗଧର ରାଜକନ୍ୟା ମଧ୍ୟ ଥିଲେ ତାଙ୍କର ପ୍ରେମ-ଭିକାରିଣୀ । କିନ୍ତୁ···ମଗଧର ଅଭିଜାତ ବଂଶଜ ରୂପସୀ ନିକଟରେ ସେ ଏକ ପ୍ରହେଳିକା ହୋଇହିଁ ରହିଗଲେ । ସେ କେବଳ ସେମାନଙ୍କ ନିକଟରେ ଥିଲେ ନିଶାର ମଧୁର ସ୍ୱପ୍ନସମ ଲୋଭନୀୟ··· କଳ୍ପନା ଭିତରେହିଁ ସେମାନେ ତାଙ୍କୁ ପାଇପାରୁଥିଲେ । କଳ୍ପନାର ଭିତରୁ ଯେ ବାସ୍ତବତାକୁ ଫେରି ଆସିଛି । ସେହି ସ୍ୱପ୍ନକୁ ଜୀବନର ପ୍ରତି ମୁହୂର୍ତ୍ତରେ ବାନ୍ଧିରଖି ଜୀବନକୁ ଗୀତିମୟ କରିବା ପାଇଁ ସେ ଅତି ଅସହାୟ ଭାବରେ ଫେରି ଯାଇଛି, ଆଖିରୁ ଲୁହକୁ ଶେଷ ସମ୍ବଳ କରି । କିନ୍ତୁ କି ଆଶ୍ଚର୍ଯ୍ୟ ! ମଗଧର ରାଜକନ୍ୟାର ଅନିନ୍ଦ୍ୟ ରୂପ ବିଭବ ଯା'ର ତରୁଣ ମନକୁ ତରଳାଇ ପାରି ନ ଥିଲା ହଠାତ୍ ମନ ତାର ଲୋଭାତୁର ହୋଇ ଉଠିଲା ରାଜନର୍ତ୍ତକୀର କନ୍ୟା ସୁଜାତା ପ୍ରତି···ସେତେବେଳେ ଦିଗେ ଦିଗେ ଚଇତାଳି ପ୍ରଭାତର ଆଗମନୀ ପକ୍ଷୀ କଣ୍ଠରୁ ଝରି ପଡ଼ୁଥିଲା । ସ୍ନାନ ସମାପନ କରି ସେ ପ୍ରଣତି ଜଣାଉଥିଲେ ଦିନମଣିଙ୍କୁ···ତାଙ୍କର ନିମିଳିତ ଚକ୍ଷୁ ଖୋଲିଦିବା ପରେ ସେ ବିସ୍ମିତ ହେଲେ । ସମ୍ମୁଖରେ ସଦ୍ୟସ୍ନାତା ସୁଜାତା—ନତଜାନୁ ହୋଇ ପ୍ରମାଣ କରୁଛି । ହାତର କମଳ କଳିକାଦ୍ୱୟ ଥରୁଛି···କୃଷ୍ଣ କେଶରେ ତାର ବିନ୍ଦୁ ବିନ୍ଦୁ ଜଳ, ନୟନର ଭଙ୍ଗୀରେ ଗହନ ଗଭିର ମାୟା, ଥରିଲା ଅଧରରେ ଜୀବନ୍ତ ବାସନା ।

Digitized by srujanika@gmail.com

'ବାରସିକ୍ତ ଶୁକ୍ଳ ବସ୍ତ୍ର ଭେଦ ନବାଗତ ଯୌବନର ଲୋଭନୀୟ ବୈଭବ ଫୁଟି ଉଠିଥିଲା । ଅସ୍ମ ବସ୍ମୃତ ହୋଇଗଲେ ସେ କ୍ଷଣିକ ପାଇଁ । ତାଙ୍କର ମନେ ହେଲା ସତେ ଯେପରି ସୃଷ୍ଟିର ସମସ୍ତ ସ୍ନିଗ୍‌ଧତା ତାଙ୍କ ସମ୍ମୁଖରେ ରୂପ ପରିଗ୍ରହ କରି ତାଙ୍କୁ ଆହ୍ୱାନ କରୁଛି । ହଠାତ୍ ଅନତି ଦୂରସ୍ଥ ଦେବାଳୟରୁ ଭାସି ଆସିଲା ପ୍ରଭାତ କାଳୀନ ମାଙ୍ଗଳିକ, ନିଜକୁ ସଂଯତ କରିବାକୁ ଚେଷ୍ଟାକରି ସୁଜାତାକୁ ଆଶୀର୍ବାଦ କଲେ ସେ । ପୁଣିଥରେ ପ୍ରଣାମ କରି ଧୀରେ ଧୀରେ ଚାଲିଗଲା ସୁଜାତା ଅତି ବହୁ ସମୟ ଧରି ସେ ଆଡ଼କୁ ଚାହିଁ ଅନେକ କିଛି ଭାବି ଚାଲିଥିଲେ ସେ । ତାଙ୍କର ଆଖି ଆଗରେ ଭାସି ଉଠୁଥିଲା ସୁଜାତାର ଲଜ୍ୟାନତା ମୁଖର ଲାବଣ୍ୟ, ଲୀଳାୟିତ ଅଙ୍ଗ ଭଙ୍ଗୀର ସୁଷମା ଓ ଉନ୍ନତ ବକ୍ଷରେ ଯୌବନର ଶ୍ରେଷ୍ଠ ଆକର୍ଷଣ । ତାଙ୍କର ତରୁଣ ମନ ଚହଲି ଗଲା । ସେହି ଦିନଠାରୁ ସେହି ସମୟରେ ନିତି ହୁଏ ଉଭୟଙ୍କର ସାକ୍ଷାତ । ଘନିଷ୍ଠତା କ୍ରମେ ବୃଦ୍ଧି ପାଇଲା । ଆଶକ୍ତି ପ୍ରେମରେ ପରିଣତ ହେଲା । ସୁଜାତାର ସ୍ୱପ୍ନ ହେଲା ସଫଳ ସାଧନା ହେଲା ଜୟଯୁକ୍ତ ଓ ତାଙ୍କର ମଧ୍ୟ ମନର ପିପାସା ହେଲା ଚରିତାର୍ଥ ।

ତାଙ୍କ ପ୍ରତି ସୁଜାତାର ଏହି ଗଭୀର ପ୍ରେମ କିନ୍ତୁ ସୁଜାତାର ଜନନୀ ସହ୍ୟ କରି ପାରୁ ନ ଥିଲେ । ତାଙ୍କର ଆଶଙ୍କା ହେଉଥିଲା ରାଜଦରବାରରେ ତାଙ୍କର ଉତ୍ତରାଧିକାରିଣୀ ହେବା ଅପେକ୍ଷା ହୁଏତ ଘର କୋଣରେ କୁଳବଧୂ ହେବାପାଇଁ ଦିନେ ସୁଜାତାର ମନରେ ଜାଗି ଉଠିବ ଦୁର୍ବାର କାମନା । ସୁଜାତାକୁ ସେ ସଜାଗ କରି ଦେଇଥିଲେ···'ଭୋଗର ଭିତରେ ହିଁ ଜୀବନର ସାର୍ଥକତା···ଆଜି ଏସବୁ ଭୋଗ ଅର୍ଥବିନା ସ୍ୱପ୍ନପରି ଅଳୀକ···ପୁରୁଷ ଭ୍ରମର ପରି ମଧୁ

Digitized by srujanika@gmail.com

ଲକ୍ଷଣ ପର୍ଯ୍ୟନ୍ତ ପ୍ରେମର ଅଭିନୟ କରିଥାଏ କିନ୍ତୁ ତାପରେ, ତାପରେ ଅନ୍ୟ ଏକ କୁସୁମ ପାଖକୁ ଉଡ଼ି ଯିବାବେଳେ ଭୁଲିଯାଏ ଅତୀତକୁ, ଭୁଲିଯାଏ ତାର କଥା ଯେ କି ନିଜର ସବୁକିଛୁ ଦେଇ ତାକୁ ଏକଦା ଭଲ ପାଇଥିଲା ।

ସେଦିନ···

ବୌଦ୍ଧ ଶମ୍ଭଣର ଠିକ୍ ମନେ ପଡ଼ୁଛି । ସୁଜାତାର ଗୃହ ସଂଲଗ୍ନ ଉଦ୍ୟାନର ଶ୍ୱେତ ମର୍ମର ପ୍ରସ୍ତରର ବେଦୀ ଉପରେ ବସିଥିଲେ ସେ···ହାତରେ ତାଙ୍କର ସୁଜାତା ପ୍ରଦତ୍ତ ରକ୍ତ ଗୋଲାପ । ତାଙ୍କର କୋଳରେ ମୁଣ୍ଡରଖି ଅର୍ଦ୍ଧଶାୟିତ ଅବସ୍ଥାରେ ଥିବା ସୁଜାତାର କପୋଳ ଉପରେ ସରାଗରେ ବୁଲାଉଥିଲେ ସେ ସେହି ସଜଫୁଟା ଗୋଲାପଟି । ସୁଜାତାଙ୍କୁ ଅନ୍ୟ-ମନସ୍କ ଦେଖି ସେ ପ୍ରଥମେ କିଛି ବୁଝି ପାରିଲେନି । ତା ପରେ ସବୁ କିଛି ଜାଣିବା ପାଇଁ ସେ ଉଦ୍‌ଗ୍ରୀବ ହୋଇ ଉଠିଲେ—

'ସୁଜାତା !"

"ଉଁ···

"ତମର ଆଜି ହୋଇଛି କଣ ?"

ସୁଜାତା ନୀରବ । ଗଭୀର ଦୀର୍ଘ ନିଃଶ୍ୱାସ ଭିତରେ ସତେ ଯେମିତି ସେ କହିବାକୁ ଚେଷ୍ଟା କରୁଥିଲା ଯେ ତାଙ୍କ ଅନୁମାନ ମିଥ୍ୟା ନୁହେଁ—

"କହିବନି ?" ତାଙ୍କର ଏହି ଦରଦୀ ଓ ଅଭିମାନଭରା ସ୍ୱର ସୁଜାତାକୁ ଚଞ୍ଚଳ କରି ପକାଇଲା । ଉଚ୍ଛ୍ୱସିତ ଆବେଗରେ ସେ ତାଙ୍କର ଗଳାବେଷ୍ଟନ କଲା ।

Digitized by srujanika@gmail.com

ଟିକଏ ପରେ···

"ମୋର ଗୋଟିଏ କଥା ରଖିବ ପ୍ରିୟତମ ?"

ତାଙ୍କ ଗୋଲାପି ଅଧରରେ ଚୁମ୍ବନର ସରୁ ଗାରଟିଏ ଟାଣି ଦେଇ କହୁଥିଲେ ସେ—"କୁହ ସୁଜାତା, ମୁଁ ଯେ ତୁମର···ତୁମ କଥା ରଖିବାରେ ମୋର ଗୌରବ ରହୁଛି···"

ଏହି ହାରଟି ନିଅ···ଏହାର ବିନିମୟ ଲବ୍ଧ ସ୍ୱର୍ଣ୍ଣ ମୁଦ୍ରା କାଲି ତୁମେ ମୋର ମାଁ' ଆଗରେ 'ମୋତେ ଧରାଇ ଦେବ···"

"ସୁଜାତା ! !"

"ମୋତେ ଭୁଲ ବୁଝନା ପ୍ରିୟତମ !"

"ଅର୍ଥ ବିନିମୟରେ ପ୍ରେମ କ୍ରୟ କରାଯାଇ ପାରେନା ସୁଜାତା, ପ୍ରେମକୁ କେବଳ ପ୍ରେମ ଦ୍ୱାରାହିଁ କ୍ରୟ କରାଯାଇଥାଏ···ପଙ୍କିଳ ସରୋବର ଭିତରେ ଭାବିଥିଲି ତୁମେ ଏକ ଶୁଭ୍ରପଦ୍ମ···କିନ୍ତୁ···କିନ୍ତୁ ମନରେ ତମର ପଙ୍କର କାଳିମା···"

"ତୁମ ସୁଜାତାକୁ କଳଙ୍କ ସ୍ପର୍ଶ କରିବା ପୂର୍ବରୁ କଳଙ୍କକୁ ଉପହାସ କରି ଚାଲିଯାଇଥିବ ସେ ବହୁଦୂରକୁ—

"ସୁଜାତା ! !"

"ହଁ, ତୁମ ସୁଜାତାର ଭିତରେ ବାହାରେ କିଛି ତଫାତ ନାହିଁ, ଚାହିଁଲ ମୋ ମୁହଁକୁ ଚାହିଁଲେ ସବୁ ଜାଣି ପାରିବ···"

ତାଙ୍କର ଗାଢ଼ ଆଲିଙ୍ଗନ ଭିତରେ ଧୀର ଗଳାରେ ସବୁକିଛି କହିଥିଲି ତାଙ୍କୁ । ଉଭୟେ ଖୋଜୁଥିଲେ ସମାଧାନର ପଥ । ତା ପରେ—

Digitized by srujanika@gmail.com

"ପ୍ରିୟତମ···

"ସୁଜାତା···

"ଶୁଣିଛୁ କଳିଙ୍ଗ ବଡ଼ ଗୁଣଗ୍ରାହୀ କଳିଙ୍ଗର ରାଜା। ତାଙ୍କ ଦରବାରରେ ଉପସ୍ଥିତ ହେଲେ ତୁମକୁ ନିଶ୍ଚୟ ସମ୍ମାନିତ କରନ୍ତେ ସେ···

"ମୁଁ ବି ଠିକ୍ ସେଇକଥା ଚିନ୍ତା କରୁଥିଲି କିନ୍ତୁ କିଛି କହୁ ନଥିଲି; କାରଣ ମୋର ଭୟ ହେଉଥିଲା ତୁମେ ମୋର ପ୍ରସ୍ତାବରେ ରାଜି ହେବନି; ସୌଭାଗ୍ୟ ମୋର, ତୁମେ ନିଜେହିଁ ଏପ୍ରସ୍ତାବ ଦେଇଛ। ତୁମେ ବିଦୁଷୀ ସୁଜାତା···"

ସୁଜାତାକୁ ଖୁବ୍ ଜୋରରେ ଭିଡ଼ି ଆଣିଥିଲେ ସେ। ସେ ଦିନ ସୁଜାତା ଠାରୁ ବିଦାୟ ନେବା ବେଳେ ତୃତୀୟାର ଚନ୍ଦ୍ର କେତେବେଳୁ ଲୁଚି ଯାଇଥିଲା। ଯିବା ପୂର୍ବରୁ ସୁଜାତାକୁ ପ୍ରତିଶ୍ରୁତି ଦେଇଥିଲେ ସେ—ମଗଧ ତ୍ୟାଗପାଇଁ ଆବଶ୍ୟକୀୟ ପ୍ରସ୍ତୁତି ପରେ ଯିବାର ସମୟ ତାଙ୍କୁ ଜଣାଇଦେଇ ଯିବେ ସେ। ତା ପରେ ସୁଡ଼ଙ୍ଗ ପଥରେ ସୁଜାତା ଯାଇ ତାଙ୍କ ସହ ନିର୍ଦ୍ଦିଷ୍ଟ ସ୍ଥାନରେ ଏକତ୍ରିତ ହେବ।

···ଏକ ପକ୍ଷ ଅତିକ୍ରାନ୍ତ ହୋଇଯାଇଛି। ଇତିମଧ୍ୟରେ ସୁଜାତା ସହିତ ଆଉ ତାଙ୍କର ସାକ୍ଷାତ ହୋଇ ନାହିଁ। କଳିଙ୍ଗ ଯିବାର ପ୍ରସ୍ତୁତିରେ ସେ ଥିଲେ ଆତ୍ମବିଭୋର। ସ୍ୱର୍ଣ୍ଣମୁଦ୍ରା ବିନିମୟରେ ବିକ୍ରୟ କଲେ ସେ ତାଙ୍କର ସମସ୍ତ ସମ୍ପତ୍ତି। ତା ପରେ ଯିବାର ସମୟ ଧାର୍ଯ୍ୟ କରି ବାହାରିଲେ ସେ ସୁଜାତାର ଉଦ୍ଦେଶ୍ୟରେ

Digitized by srujanika@gmail.com

...ହୃଦୟରେ ତାଙ୍କର ପୁଲକ—ମନରେ ଆନନ୍ଦର ଊର୍ମି । କିନ୍ତୁ ପ୍ରମୋଦ କକ୍ଷରେ ନୂପୁରର ନିଶ୍ୱନ ଶୁଣି ସେ ଛିଡ଼ା ହୋଇଗଲେ । ତାପରେ ବାତାୟନ ପଥରେ ଯେତେବେଳେ ତାଙ୍କର ଦୃଷ୍ଟି ପ୍ରକୋଷ୍ଠ ଭିତରକୁ ପ୍ରସରିଗଲା, ସେତେବେଳେ ତାଙ୍କର ମନେ ହେଲା ସତେ ଯେପରି ସେ ସଜ୍ଞା ହରାଇ ବସିବେ । ବାଦ୍ୟର ତାଳେ ତାଳେ ନିଜ କଳାକୁଶଳ ଅଙ୍ଗ ସଞ୍ଚାଳନ କରି ପ୍ରକୋଷ୍ଠକୁ ସ୍ୱପ୍ନମୟ କରୁଥିଲା ସୁଜାତା । ସମ୍ମୁଖରେ ତାର ଆସୀନ ମଗଧର ବିଳାସୀ ସୌଦାଗର । ନୃତ୍ୟର ମଝିରେ ମଝିରେ ସେ ସୌଦାଗର ହାତକୁ ବଢ଼ାଇ ଦେଉଥିଲା ରୌପ୍ୟ ପାତ୍ରରେ ସୁରା—ସୌଦାଗରର ଆଖିରେ କାମନାର ବହ୍ନି—

"ସୁଜାତା ! !" ବାତାୟନ ପାର୍ଶ୍ୱରୁ ସେ ଚିତ୍କାର କରି ଉଠିଲେ । ସୁଜାତାର ନୂପୁର ନୀରବ ହୋଇଗଲା—ବାତାୟନ ଆଡ଼କୁ ଚାହିଁ ହଠାତ୍ ସେ ନିଜକୁ ସମ୍ଭାଳି ନେଇ କକ୍ଷରୁ ନିଷ୍କ୍ରାନ୍ତ ହୋଇ ତାଙ୍କର ପାଖକୁ ଧାଇଁ ଆସିଲା । ପାଦର ନୂପୁର ତାର ସତେ ଯେପରି କାନ୍ଦି ଉଠୁଥିଲା ବାରମ୍ବାର । ତାଙ୍କରି ପାଦତଳେ ଲୋଟି ପଡ଼ି ଅଧୀର ଆବେଗରେ କହୁଥିଲା ସେ—

"ତୁମେ, ତୁମେ ଠିକ୍ ସମୟରେ ଆସିଛ, ତୁମ ପଦ୍ମରେ ପଙ୍କର କାଳିମା ଲାଗିବା ପୂର୍ବରୁ ଭଗବାନ ତାର ଡାକ ଶୁଣିଛନ୍ତି—

"ତୃପ୍‌ଙ୍କର ସୁଜାତା !" ସେ ଚିତ୍କାର କରି ଉଠିଥିଲେ । ତାଙ୍କର ସେ ଚିତ୍କାର ଶୁଣି ସେଠାରେ ଉପସ୍ଥିତ ହେଲେ ସୁଜାତାର ଜନନୀ ଓ ତାଙ୍କରି ସହ ଟଳି ଟଳି ଦେହ ବିଳାସୀ ସୌଦାଗର । ସୁଜାତାର ଶତ ଅନୁନୟକୁ ପଦାଘାତ କରି ଚାଲି ଯାଇଥିଲେ ସେ ।

Digitized by srujanika@gmail.com

କଳିଙ୍ଗ ଯାତ୍ରା ବନ୍ଦ ହେଲନାହିଁ । ତାଙ୍କର ମନେ ହେଲା ସୁଜାତାର ତାରୁଣ୍ୟ ଚରମ ଛଳନା ଓ ଅଭିନୟ । ରାଜ ନର୍ତ୍ତକୀର ରକ୍ତ ତାର ପ୍ରତି ଶିରା ପ୍ରଶିରାରେ । ନିଜର କୌଳିକ ବୃତ୍ତିକୁ ସେ ବା ଛାଡ଼ିବ କିପରି ?? ପଦ୍ମ ବୋଲି ଯାହାକୁ ସେ ସରାଗରେ ଧରିଥିଲେ ସେ ପଦ୍ମ ନୁହେଁ – ସେ କିଂଶୁକ, ଭ୍ରମରେ ପଡ଼ି ସେ ବୁଝି ପାରି ନ ଥିଲେ ମଗଧ ଛାଡ଼ିଲେ ସବୁଦିନ ପାଇଁ ସେ କିନ୍ତୁ କଳିଙ୍ଗରେ ଥାଇ ମଧ୍ୟ ସୁଜାତାକୁ କଣ ସେ ଭୁଲି ପାରିଲେ ??? ନା, ନା, ସୁଜାତା ତାଙ୍କର ଭିତରେ ଚିର ଅମର ହୋଇ ରହିଛି । ବେଳେ ବେଳେ ତାଙ୍କର ମନେ ହୁଏ ସେ ଯେପରି ଭୁଲ କରିଛନ୍ତି । ମନର ଦ୍ୱନ୍ଦ ଭିତରେ ମନର କପୋତ ଗୁମୁରି ଗୁମୁରି କାନ୍ଦୁଥିଲା । ସେହି ସମୟରେ ଜନୈକ ବୌଦ୍ଧ ଭିକ୍ଷୁ ଠାରୁ ସେ ଦୀକ୍ଷା ଗ୍ରହଣ କରିଥିଲେ —ଆଜି ସେହି ଦିନଠାରୁ ଏହି ଖଣ୍ଡଗିରି ତାଙ୍କର ବାସସ୍ଥଳୀ । ବହୁ ଚେଷ୍ଟା କରି ଦୀର୍ଘ ସାଧନା ଭିତରେ ଅତୀତକୁ ବିସ୍ମୃତ ହେବାକୁ ଚେଷ୍ଟା କରିଛନ୍ତି ସେ, ଅତୀତ ଯେତେଥର ତାଙ୍କର ମନର ପର୍ଦ୍ଦାରେ ନାଚି ଉଠୁଛି ସେତେଥର ସେ କାର୍ଯ୍ୟର ଭିତରେ ନିଜକୁ ବୁଡ଼ାଇ ରଖି ତାକୁ ଭୁଲିବାକୁ ପ୍ରୟାସ କରିଛନ୍ତି । ନିର୍ବାଣହିଁ ତାଙ୍କର ଉପାସ୍ୟ, କର୍ତ୍ତବ୍ୟ ତାଙ୍କର ଧର୍ମ ଓ ସଂଘର ସେବା କିନ୍ତୁ ଏ କଅଣ ? ଆରଣ୍ୟକର କେଇପଦ ଆବେଗ ଭରା କଥାରେ ଯେ ତାଙ୍କର ସବୁକିଛି ଓଲଟ ପାଲଟ ହୋଇଗଲା । ଆରଣ୍ୟକ କେତେବେଳୁ ସେ ସ୍ଥାନ ଛାଡ଼ି ଚାଲି ଯାଇଥିଲେ ମଧ୍ୟ ତାର କଥା କର୍ଣ୍ଣରେ ତାଙ୍କର ପ୍ରତିଧ୍ୱନିତ ହେଉଥିଲା ବାରମ୍ବାର—

"ନିର୍ବାଣ ? କଣ ସେ ନିର୍ବାଣ ଗୁରୁଦେବ ? କିଏ ଦେଖିଛି ସେ ନିର୍ବାଣକୁ ହୁଏତ ସେ ଏକ ଖିଆଲ, ହୁଏତ ସେ ଏକ

Digitized by srujanika@gmail.com

ଅଭିଳାଷ, ହୁଏତ ସେ ଏକ କଳ୍ପନା ବା ଏକ ପଳାତକର ମଧୁର ସ୍ୱପ୍ନ।"

ବୃଦ୍ଧ ଶମ୍ଭଣର ମନେ ହେଲା ସତେ ଯେପରି ଅତୀତର ସେହି ପରିତ୍ୟକ୍ତା ଦୁଃଖିନୀ ସୁଜାତା ତାଙ୍କୁ କହୁଛି…"ତୁମେ ମୋ ଅନାବିଳ ପ୍ରେମର ଏଇଭଳି ପ୍ରତିଦାନ ଦେଲ ? ଭୁଲ ବୁଝି ଜୀବନକୁ ମୋର ବ୍ୟର୍ଥ କଲ କିଆଁ ?? ତୁମର ଆଶାରେ ପ୍ରତିଦିନ ପ୍ରଦୀପ ଜାଳେ…ତୁମର ଶୁଭ ମନାସି ନିତି ତୁଳସୀ ମୂଳେ ପ୍ରଣତି ଜଣାଏ । ବିଶ୍ୱାସ ହେଉନି ? ମୁଁ ରାଜ ନର୍ତ୍ତକୀର କନ୍ୟା ବୋଲି ମୋ କଥାରେ ବିଶ୍ୱାସ ହେଉଛି ?

ଶମ୍ଭଣ ଆକୁଳ ହୋଇ ଉଠିଲେ । ସେ ଚିତ୍କାରକରି ଉଠିଲେ "ସୁଜାତା" ସେ ରାତ୍ରିର ଅନ୍ଧକାର ଭିତରେ ତାଙ୍କର ସେ ଆକୁଳ ଆହ୍ୱାନ ହଜି ଯାଇଥିଲା । ତାଙ୍କର ମନେ ହେଲା ତାଙ୍କରି ଭିତରେ ତାଙ୍କର ଅତୀତ କରୁଣ ସ୍ୱରରେ କାନ୍ଦୁଛି । ତାଙ୍କର ବୃଦ୍ଧାବସ୍ଥା ଭିତରେ ବିଚରଣ କରି ବିଳପି ଉଠୁଛି ତାଙ୍କର ଅବହେଳିତ ଯୌବନରେ ପ୍ରେତାତ୍ମା । ବର୍ତ୍ତମାନ ଭିତରେ ଦଗ୍ଧ ଅତୀତ ମୁଣ୍ଡ ପିଟିପିଟି କାନ୍ଦୁଛି— ଆଜି ତାଙ୍କର ପଳିତ ଚର୍ମର ଅନ୍ତରାଳରେ ଥିବା ଶିରା ପ୍ରଶିରାର ପ୍ରତିଟି ରକ୍ତ ବିନ୍ଦୁ ଗଭୀର ବେଦନାରେ କାନ୍ଦୁଛି । —

ଆଖିରେ ତାଙ୍କର ଧାର ଶ୍ରାବଣର ଅବୁଝା ବେଦନା……

(୧୯୬୧ ଶ୍ରାବଣ ସଂଖ୍ୟା ମେହର ପ୍ରଦୀପରେ ପ୍ରକାଶିତ)

—*—

ଜ୍ୟୋତି ପ୍ରେସ, [illegible]
Digitized by srujanika@gmail.com

NANDA BOOK STORE

NBS

ନନ୍ଦ ବୁକ୍ ଷ୍ଟୋର କଟକ

COVER PRINTED BY
Shree Radharaman Press
CUTTACK-2

Digitized by srujanika@gmail.com